

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୬ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 APRIL 2024
Vol.No. 35 ■ No.93 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେଡି ଛାଡ଼ି ବିଜେପିରେ ମିଶିଲେ ଆଠମଲ୍ଲିକ ବିଧାୟକ

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ଗୁରୁବାର (ଗତକାଲି) ବିଜେଡିରୁ ଇସ୍ତଫା ଦେଇଥିବା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଆଜି ବିଜେପିରେ ମିଶିଛନ୍ତି। କତଡ଼ା ନିକଟରେ ବିଜେପିର ବୁଥ୍ ସ୍ତରୀୟ କର୍ମଶାଳା ଚାଲିଥିବା ବେଳେ ଶ୍ରୀ ସାଏ ସେଠାରେ ଦଳରେ ସାମିଲ ହୋଇଥିଲେ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଠମଲ୍ଲିକର ପୂର୍ବତନ ବିଧାୟକ ସଞ୍ଜୀବ ସାହୁ ପ୍ରମୁଖ ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡିରୁ ଇସ୍ତଫା ଦେଇଥିଲେ ବିଧାୟକ ରମେଶ ଚନ୍ଦ୍ର ସାଏ। ତେବେ ତାଙ୍କୁ ଏଥର ବିଜେଡି ଟିକେଟ ଦେଇ ନାହିଁ। ତାଙ୍କ ▶▶ପୃଷ୍ଠା ୭

# କଂଗ୍ରେସର 'ନ୍ୟାୟ ପତ୍ର'ରେ ୨୫ ଗ୍ୟାରେଣ୍ଟି

ନୂଆଦିଲ୍ଲୀ, ୦୫/୪ : ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏହାପୂର୍ବରୁ କଂଗ୍ରେସ ଜାରି କରିଛି ତା'ର ଘୋଷଣା ପତ୍ର। ଏହାକୁ ସେ 'ନ୍ୟାୟ ପତ୍ର' ନାଁ ଦେଇଛି। ଏହି ନ୍ୟାୟ ପତ୍ରରେ ରହିଛି ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି। କଂଗ୍ରେସ ମୁଖ୍ୟା କାର୍ଯ୍ୟାଳୟରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧି ଏହି ଘୋଷଣା ପତ୍ରକୁ ପ୍ରକାଶ କରିଛନ୍ତି। କଂଗ୍ରେସ ଏହି ଘୋଷଣା ପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ୨୫ଟି ପ୍ରତିଶ୍ରୁତି ତଥା ଗ୍ୟାରେଣ୍ଟି ଦେଇଛି। ଗରିବ ପରିବାରର ମହିଳାମାନଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ସହାୟତା ପାଇଁ ପ୍ରତିଶୃତି ଦିଆଯାଇଛି। ଏଥି ସହିତ, ୨୦୨୫ ସୁଦ୍ଧଶ ସରକାରୀ ଚାକିରିରେ ମହିଳାମାନଙ୍କୁ ୫୦ ପ୍ରତିଶତ




ସଂରକ୍ଷଣ ଦେବାକୁ କଂଗ୍ରେସ ନିଜ ନ୍ୟାୟ ପତ୍ରରେ କହିଛି। କେବଳ ସେତିକି ନୁହେଁ ସଂରକ୍ଷଣ ସୀମା ବଢ଼ାଇବା, ଜାତିଗତ ଜନଗଣନା କରାଯିବ, ଋଣ ଛାଡ କମିଶନ ଗଠନ ଓ ନିଯୁକ୍ତ ଗ୍ୟାରେଣ୍ଟି, ସର୍ବନିମ୍ନ ମଜୁରୀ ୪୦୦, ୪୦ ଲକ୍ଷ ସରକାରୀ ଚାକିରୀ, ଗରିବ ମହିଳାଙ୍କୁ ୧ ଲକ୍ଷ ଟଙ୍କା ସହାୟତା, ତାଲିମ ପାଇଁ ୧ଲକ୍ଷ ଟଙ୍କା, ସହରୀ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଆଣିବାକୁ ପ୍ରତିଶୃତି ଦିଆଯାଇଛି। ଏଥିସହ ରାଜସ୍ଥାନରେ କଂଗ୍ରେସ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଚିରଞ୍ଜୀବୀ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇଁ ସାରା ଦେଶରେ କ୍ୟାସ୍ ଲେସ୍ ବୀମା ଯୋଜନା କାର୍ଯ୍ୟକାରୀ ହେବ। ପରିବାରର ବୟସ୍କା ମହିଳାମାନଙ୍କୁ ମହାଲକ୍ଷ୍ମୀ ଯୋଜନା ଅନୁଯାୟୀ ବାର୍ଷିକ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କଂଗ୍ରେସରେ ନିଜ ନ୍ୟାୟ ପତ୍ରରେ କହିଛି। ଏସସି, ଏସଟି ଓ ଓବିସି ପାଇଁ ସଂରକ୍ଷଣ ସୀମାକୁ ୫୦- ପ୍ରତିଶତକୁ ବୃଦ୍ଧି କରାଯିବ। ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ରହିବ। ଘର ନିର୍ମାଣ , ବ୍ୟବସାୟ କରିବାକୁ ଏସସି, ଏସଟି ବର୍ଗଙ୍କ ପାଇଁ ସଂସ୍ଥାଗତ ଋଣ ରାଶି ବୃଦ୍ଧି କରାଯିବ। ଓବିସି, ଏସସି, ଏସଟି ଛାତ୍ର ଛାତ୍ରୀଙ୍କ ପାଇଁ ସ୍କଲାରସିପ ରାଶିକୁ ୨ ଗୁଣା ବଢଯିବ। ବିଶେଷ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା ଲାଗୁ କରାଯିବ। ▶▶ପୃଷ୍ଠା ୭

## ୪୩.୫ ଡିଗ୍ରୀରେ କଲବଲ ହେଲେ ରାଜଧାନୀବାସୀ: ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଲା ଭୁବନେଶ୍ୱର




ଭୁବନେଶ୍ୱର, ୦୫/୦୪ (ନି.ପ୍ର): ସାରା ରାଜ୍ୟରେ ଆଜି ଭୁବନେଶ୍ୱରରେ ସବୁଠୁ ଅଧିକ ଖରା ହୋଇଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଏହା ସହିତ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆଜି ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁଛି। ୪୩.୫ ଡିଗ୍ରୀ ସହିତ ଆଜି ଭୁବନେଶ୍ୱର ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଛି। ଏସିଆର ୧୦ଟି ଉତ୍ତପ୍ତ ସହର ତାଲିକାରେ ଏହା ଷଷ୍ଠ ସ୍ଥାନରେ ରହିଛି ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ରାଜଧାନୀ ଭୁବନେଶ୍ୱରରେ ଆଜି ସକାଳୁ ମିଳିସାରିଥିଲା ପ୍ରଚଣ୍ଡ ତାତିର ଆଭାସ। ସକାଳ ସାଢ଼େ ୮ଟାରେ ଭୁବନେଶ୍ୱରର ▶▶ପୃଷ୍ଠା ୭

## ତୃତୀୟ ପର୍ଯ୍ୟାୟରେ ୯ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ବିଜେଡି



ଭୁବନେଶ୍ୱର, ୦୫/୦୪ (ନି.ପ୍ର): ବିଜେଡି ଆଜି ନିଜର ତୃତୀୟ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ତାଲିକାରେ ମୋଟ ୯ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଏଥିରେ ଦଳ ୩ ଜଣ ବିଧାୟକଙ୍କୁ ରିପିଟ୍ କରିଥିବା ବେଳେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି । ଆଜିର ପ୍ରାର୍ଥୀଙ୍କୁ ମିଶାଇଲେ ଦଳ ଏପର୍ଯ୍ୟନ୍ତ ମୋଟ ୧୦୮ଟି ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି । ଯେଉଁ ବିଧାୟକମାନଙ୍କୁ ଦଳ ରିପିଟ୍ କରିଛି ସେମାନେ ହେଲେ ସାଲେପୁରରୁ ପ୍ରଶାନ୍ତ ବେହେରା,ରାଉରକେଲାରୁ ସାରଦା ପ୍ରସାଦ ନାୟକ ଓ ବାଲେଶ୍ୱରରୁ ସ୍ୱରୂପ ଦାସ। ସେହିପରି ନୂଆ ମୁହଁ ଭାବେ ରେଙ୍ଗାଲିରୁ ସୁଦର୍ଶନ ହରିପାଲ, ବୀରମିତ୍ରପୁରରୁ ରୋହିତ ଯୋଶେଫ ତିର୍କୀ, କେନ୍ଦୁଝରରୁ ମୀନା ମାଝୀ, ରାଇରଙ୍ଗପୁରରୁ ରାଇସିନ୍ ମୁର୍ମୁ, ଜୟଦେବରୁ ନବକିଶୋର ମଲ୍ଲିକଙ୍କୁ ଟିକେଟ୍ ଦେଇଛି। ବିଜେପିରୁ ଆସିଥିବା ପ୍ରକାଶ ବେହେରାଙ୍କୁ ବାରବାଟୀ-କଟକ ଆସନରୁ ପ୍ରାର୍ଥୀ କରିଛି ଦଳ । ସେହିପରି ନିକଟରେ କଂଗ୍ରେସରୁ ଆସିଥିବା ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫଙ୍କୁ ଦଳ ରାଜଗାଙ୍ଗପୁର ପ୍ରାର୍ଥୀ କରିଛି । ଦଳ ଜୟଦେବରେ ଗୋଷ୍ଠୀକନ୍ଦଳ ଏଡ଼ାଇବାକୁ ଚନ୍ଦନ ପାତ୍ରଙ୍କ ସମର୍ଥିତ ନବକିଶୋର ମଲ୍ଲିକଙ୍କୁ ଟିକେଟ୍ ଦେଇଛି । ସେଠାରେ ନବୀନ ନିବାସର କର୍ମଚାରୀ ଅକ୍ଷୟ ବେହେରା ଟିକେଟ୍ ପାଇବାକୁ ଦାବିଦାର ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦଳ ତାଙ୍କୁ ଟିକେଟରୁ ବଂଚିତ କରିଥିବା ଜଣାପଡ଼ିଛି ।

## ଆଇଏଏସ୍ ବଦଳି : ପାରୁଲ ଓ ଭିନିତଙ୍କୁ ଅନୁପମ ଓ ଅରିନ୍ଦମଙ୍କ ସ୍ଥାନରେ ଥଇଥାନ

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ନିର୍ବାଚନ କମିଶନ ରାଜ୍ୟର ୨ଜଣ ଆଇଏଏସ୍ ଓ ୬ଜଣ ଆଇପିଏସ ଅଫିସରଙ୍କୁ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦେବା ପରେ ଆଜି ରାଜ୍ୟ ସରକାର ଛୋଟଧରଣର ଆଇଏଏସ୍ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କଟକ ଜିଲ୍ଲାପାଳ ୨୦୧୨ ବ୍ୟାଚ ଆଇଏଏସ୍ ଭିନିତ ଭରଦ୍ୱାଜଙ୍କୁ ପଂଚାୟତିରାଜ ବିଭାଗର ଅତିରିକ୍ତ ସଚିବ ତଥା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଜଗତସିଂହପୁର ଜିଲ୍ଲାପାଳ ପାରୁଲ




ପଟ୍ଟୱାରୀଙ୍କୁ ରାଜ୍ୟ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଭିନିତ୍ ଓ ପାରୁଲଙ୍କୁ ଜିଲ୍ଲାପାଳ ପଦବୀରୁ ହଟାଇ ଦିଆଯାଇଛି। ଭିନିତଙ୍କ ସ୍ଥାନରେ ଆଇଏଏସ୍ ଅରିନ୍ଦମ ଡାକୁଆ ଓ ପାରୁଲଙ୍କ ସ୍ଥାନରେ ଅନୁପମ ଶାହଙ୍କୁ ଯଥାକ୍ରମେ କଟକ ଓ ଜଗତସିଂହପୁର ଜିଲ୍ଲାପାଳ ଭାବେ ▶▶ପୃଷ୍ଠା ୭

## ଲୁଟ୍ ଟଙ୍କା ଉଦ୍ଧାର: ୪ ଲୁଟେରା ଗିରଫ



ଭୁବନେଶ୍ୱର, ୦୫/୪ (ନି.ପ୍ର): ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଭୁବନେଶ୍ୱର କମିଶନରେଟ୍ ପୁଲିସ୍। ଏହି ଅଭିଯୋଗରେ ପୁଲିସ୍ ୪ ଜଣଙ୍କୁ ଗିରଫ କରିଛି। ଲୁଟ୍ ହୋଇଥିବା ଟଙ୍କା ଭିତରୁ ୯ ଲକ୍ଷ ୬୯ ହଜାର ଟଙ୍କା ଜବତ କରିଛି ପୁଲିସ୍। ଭୁବନେଶ୍ୱର ଶାସ୍ତ୍ରୀନଗରର ଉଦୟଭାନୁ ବିଶ୍ୱାଳଙ୍କର ଖୁଚୁରା ଟଙ୍କା କାରବାର ବ୍ୟବସାୟ ରହିଛି। ସେ ବଡ଼ ନୋଟ ବଦଳରେ ଖୁଚୁରା ଦେଇ କମିଶନ ପାଆନ୍ତି। ତେଣୁ ଉଦୟଭାନୁ, ତାଙ୍କ ଦୁଇ ▶▶ପୃଷ୍ଠା ୭

## ଶିଶୁ ଚୋରି ପଛର ରହସ୍ୟ: ନିଜ ଝିଅ ବଦଳରେ ଶିଶୁ ପୁତ୍ରକୁ ନେଇ ଯାଇଥିଲେ ମହିଳା

ବାଲେଶ୍ୱର, ୦୫/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗତକାଲି ହୋଇଥିବା ଶିଶୁପୁତ୍ର ଚୋରି ଘଟଣାରେ ହୋଇଛି ବଡ଼ ଖୁଲାସା। ଶିଶୁ ପୁତ୍ର ଚୋରି ପଛର କାରଣ ସାମନାକୁ ଆସିଛି। ପୁଅ ମୋହରେ ଅନ୍ଧ ଜଣେ ମହିଳା ନିଜ କଅଁଳା ଝିଅକୁ ଛାଡ଼ି ବଦଳରେ ଅଜଣା ଶିଶୁପୁତ୍ରଟିକୁ ନେଇ ଯାଇଥିଲେ। ପୁଲିସ୍ ସମ୍ପୃକ୍ତ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ବାଲିଆପାଳ ଆଠବାଟିଆ ଅଞ୍ଚଳର ସୁଶାନ୍ତ ବାରିକ ଓ ପତ୍ନୀ ଟିକିଲି ରାଣୀଙ୍କ ନବଜାତ ଶିଶୁପୁତ୍ରକୁ ଜଣ୍ଡିସ୍ ହୋଇଥିବାରୁ ଗତ ୨ ତାରିଖରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ ଚିକିତ୍ସା ହେଉଥିବା ସମୟରେ ଗତକାଲି ମଧ୍ୟାହ୍ନରୁ ଶିଶୁପୁତ୍ର ନିଖୋଜ ହୋଇଯାଇଥିଲା।



ସିସିଟିଭି ଫୁଟେଜ୍ ଆଧାରରେ ସଂପୃକ୍ତ ମହିଳାଙ୍କ ବିଷୟରେ ସୂଚନା ପାଇ ପୁଲିସ ତାଙ୍କୁ ବିଳମ୍ବିତ ରାତିରେ ଧରିଥିଲା। ଏଥିସହ ତାଙ୍କ ନିକଟରୁ ଶିଶୁ ପୁତ୍ରଟିକୁ ପୁଲିସ୍ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ତନାଘନାରୁ ଜଣାଯାଇଛି, ମହିଳା ଜଣକ ନିଜ ଶିଶୁକନ୍ୟାର ଚିକିତ୍ସା କରାଇବା ▶▶ପୃଷ୍ଠା ୭

## ପ୍ରଭା କୁମୁଦିନୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଓ ସାହିତ୍ୟ ପତ୍ରିକା 'ପଲ୍ଲୀମହକ ପ୍ରଭାକୁମୁଦୁନୀ' ଓ ବ୍ୟଙ୍ଗଗ୍ରନ୍ଥ 'ବ୍ରହ୍ମ ଚାପୁଡ଼ା'ର ଲୋକାର୍ପଣ ସମାରୋହ

ରେମୁଣା, ୦୫/୪ (ନି.ପ୍ର): ପ୍ରଭାକୁମୁଦିନୀ ସାହିତ୍ୟ ସଂସଦର ତୃତୀୟ ବାର୍ଷିକୋତ୍ସବ ପରିପ୍ରେକ୍ଷୀରେ କବି, ଲେଖକ ଓ କଳାକାର ସମ୍ମିଳନୀ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ମୁଖୁରା ଡିବ. ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିନୋଦ ବିହାରୀ ପଣ୍ଡା, ମୁଖ୍ୟବକ୍ତା କବି ଶରତ ଚନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧରି ପରିଡ଼ା, କବି ଭରତ ଚନ୍ଦ୍ର ଦାଶ, କବି ଗଙ୍ଗାଧର ଦାସ, ମେଜର ଗିରିଶ କୁମାର ଷଡ଼ଙ୍ଗୀ, ଅନୁଷ୍ଠାନ ସଭାପତି କୁମୁଦିନୀ ସାହୁ ପ୍ରମୁଖ ଯୋଗଦେଇ ସାହିତ୍ୟ ସଂସଦର ମୁଖପତ୍ର



'ପଲ୍ଲୀମହକ ପ୍ରଭା କୁମୁଦିନୀ' ଓ ପ୍ରଭାକର ସାହୁଙ୍କ ପଞ୍ଚମ ବ୍ୟଙ୍ଗ ଗ୍ରନ୍ଥ 'ବ୍ରହ୍ମଚାପୁଡ଼ା'କୁ ଅନାବରଣ କରି ଶ୍ରୀଯୁକ୍ତ ସାହୁଙ୍କର ବ୍ୟଙ୍ଗ ପ୍ରତିଭା ଓ ସାହିତ୍ୟ ସାଧନାକୁ ଭୂୟସୀ ପ୍ରଶଂସା କରିଥିଲେ । ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବା ବେଳେ ଦୀପ୍ତିମୟୀ ସାହୁ ସ୍ୱାଗତ ସଂଗୀତ ଓ ଧନ୍ୟବାଦ ଦେଇଥିଲେ । ଲେଖକ ଶ୍ରୀ ସାହୁ ଲେଖକୀୟ ଅଭିବ୍ୟକ୍ତ ରଖିଥିବା ବେଳେ ପ୍ରକାଶକ କବି ଶ୍ରୀ କାଳୀପଦ ପଣ୍ଡା ପ୍ରକାଶକୀୟ ଅଭିମତ ରଖିଥିଲେ । ପ୍ରଥମ ଅଧିବେଶନରେ ବ୍ୟଙ୍ଗକବି ଶ୍ରୀ ସାହୁ ସତ୍ୟଭାମା ମୁଦୁଲିଙ୍କ ସଂଯୋଜନାରେ ଓ ଅତିଥି ସୁବାସିନୀ ଜୀ, ଗୋପୀନାଥ ଗନ୍ତାୟତ, ଡ. ରତ୍ନାକର ସିଂହ, ଡ. ତୁଳସୀ ବେହେରାଙ୍କ ଉପସ୍ଥିତିରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ପଦ୍ମଲୋଚନ ପ୍ରଧାନ, ନିରଞ୍ଜନ ଖୁଣ୍ଟିଆ, ଭାସ୍କର ଚନ୍ଦ୍ର ଆଚାର୍ଯ୍ୟ, ଅଜିତ କୁମାର ପଣ୍ଡା, ପ୍ରଭାତ କୁମାର ଆଚାର୍ଯ୍ୟ, ବିଜୟ ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ବେହେରା, ଜୟଶ୍ରୀ ମିଶ୍ର, ସୁନାମଣି ଜେନା, ଚକ୍ରଧର ଦାସ, ତପନ କୁମାର ଦାସ, ଅର୍ଚ୍ଚନା କର, କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ତୃପ୍ତୀମୟୀ ସାହୁ, ଶାନ୍ତି ବାଗି, ମଧୁସୂଦନ ମାଝୀ, ଜୁମରନାଥ ପାତ୍ରଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ସଭାପରେ ବାଲିଆପାଳରୁ ଆସିଥିବା ତୁଳସୀ ବେହେରାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଭା କୁମୁଦିନୀ ସାହିତ୍ୟ ସଂସଦର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ ।

## ଇଡି ଚାର୍ଜସିଟରେ ଅଭିଯୋଗ: ୬୦୦ କୋଟି ଟଙ୍କାର ଜମି ଦୁର୍ନୀତିରେ ସାମିଲ ହେମନ୍ତ ସୋରେନ

ଝାଡ଼ଖଣ୍ଡ, ୦୫/୪ (ନି.ପ୍ର): ଜେଲରେ ଥିବା ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରନଙ୍କ ବିରୁଦ୍ଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଇଡି ଚାର୍ଜସିଟ୍ ଅନୁସାରେ, ହେମନ୍ତ ସୋରେନ ୬୦୦ କୋଟି ଟଙ୍କାର ଜମି ଦୁର୍ନୀତି ଏବଂ ହେରଫେର ସହ ଜଡିତ ଅଛନ୍ତି। ସୋରେନଙ୍କ ସମେତ ରାଜସ୍ୱ ଅଧିକାରୀ ଭାନୁ ପ୍ରତାପ ପ୍ରସାଦ ଏବଂ ଦୁଇ ଜଣ ଅନ୍ୟ ସରକାରୀ କର୍ମଚାରୀଙ୍କୁ ମଧ ଅଭିଯୁକ୍ତ ଭାବେ ଦର୍ଶାଇଛି ଇଡି। ଇଡି ଚାର୍ଜସିଟରେ କୁହିଛି ଯେ, ହେମନ୍ତ ସୋରେନ୍ ଏହି ଜମି ଦୁର୍ନୀତିର ଏକ ଅଂଶ ଭାବରେ ରହି ଅପରାଧିକ ଆୟକୁ ଉପଭୋଗ କରିଛନ୍ତି। ତଦନ୍ତ ସମୟରେ ଭାନୁ ପ୍ରତାପଙ୍କ



କାର୍ଯ୍ୟାଳୟରୁ ୪୪ ପୃଷ୍ଠାର ଫାଇଲ ମିଳିଥିଲା, ଯେଉଁଥିରେ ହେମନ୍ତ ସୋରେନଙ୍କ ମାଲିକାନାରେ ଥିବା ୮.୮୬ ଏକର ବେଆଇନ ଜମି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଭାନୁ ପ୍ରତାପ ସୋରେନଙ୍କୁ 'ବସ୍' ବୋଲି କହୁଥିବା ଚାର୍ଜସିଟରେ ଉଲ୍ଲେଖ କରିଛି ଇଡି। ତଦନ୍ତକାରୀ ସଂସ୍ଥା ଦାବି କରିଛି ଯେ, ହେମନ୍ତ ସୋରେନ ୨୦୧୧ରୁ ରାଞ୍ଚିର ବରଗାଁ ଅଞ୍ଚଳରେ ୮.୮୬ ଏକର ଜମିକୁ ବେଆଇନ ଭାବେ ଦଖଲ କରିଥିଲେ। ବର୍ତ୍ତମାନ ଏହି ଜମିର ମୂଲ୍ୟ ୩୧ କୋଟି ଟଙ୍କା ହେବ। ଇଡିର ତଦନ୍ତ ଅନୁଯାୟୀ, ହେମନ୍ତ ସୋରେନଙ୍କ ଘନିଷ୍ଠ ସହଯୋଗୀ ରଞ୍ଜିତ ସିଂହ, ହିଲାରିୟସ କଚ୍ଛପ ଏବଂ ରାଜକୁମାରଙ୍କ ଦ୍ୱାରା ଏହି ଜମି ଦଖଲ ହୋଇଥିଲେ। ରାଜସ୍ୱ ଅଧିକାରୀ ଭାନୁ ପ୍ରତାପ ସିଂହ ଏହି ସିଣ୍ଡିକେଟରେ ଏକ ▶▶ପୃଷ୍ଠା ୭

# ବଜାରରେ ମିଳୁନି ଏନ୍‌ସିଇଆରଟି ବହି: ତୃତୀୟ ଓ ଷଷ୍ଠ ଶ୍ରେଣୀ ବହି ଛପାହୋଇନି




ଭୁବନେଶ୍ୱର: ୨୦୨୪-୨୫ ଶିକ୍ଷାବର୍ଷ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି। ଓଡ଼ିଶାରେ ୩ ଦିନ ହେଲା ପାଠପଢ଼ା ହେଲାଣି। ସକାଳୁଆ ସ୍କୁଲ ସହ ଦିନକୁ ୪ରୁ ୫ଟି କ୍ଲାସ କରାଯାଉଛି। ଶିକ୍ଷକ ଶିକ୍ଷୟିତ୍ରୀ ପଢ଼ାଇବାକୁ ଆସୁଥିଲେ ମଧ ଛାତ୍ରଛାତ୍ରୀଙ୍କ ହାତରେ ପାଠ୍ୟପୁସ୍ତକ ନାହିଁ। ଶିକ୍ଷକ କ'ଣ ପଢ଼ାଉଛନ୍ତି ସେମାନେ କିଭଳି ପଢ଼ିବେ ଜାଣିପାରୁ ନାହାନ୍ତି। ଗୋଟିଏ କି ଦୁଇଟି ନୁହେଁ, କେନ୍ଦ୍ରୀୟ ମାଧମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଅଧୀନ ରାଜ୍ୟର ପ୍ରାୟ ୪୪୭ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସିବିଏସ୍‌ଇ ବିଦ୍ୟାଳୟଗୁଡ଼ିକ ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନ୍‌ସିଇଆରଟି) ଦ୍ୱାରା ପ୍ରଚଳିତ ପାଠ୍ୟପୁସ୍ତକ ଅନୁସରଣ କରୁଥିବାରୁ ସେମାନେ ଏବେ ହଇରାଣ ହେଉଛନ୍ତି। ପାଠ୍ୟପୁସ୍ତକ କେଉଁଠୁ ଆଣିବେ କିଭଳି ଛାତ୍ରଛାତ୍ରୀଙ୍କ ପାଠପଢ଼ା ହେବ ତାହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଅଭିଭାବକ ଓ ଛାତ୍ରଛାତ୍ରୀ ଚିନ୍ତାପ୍ରକଟ କରିଛନ୍ତି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ୮ ଲକ୍ଷ ଛାତ୍ରଛାତ୍ରୀ ସିବିଏସ୍‌ଇ ଅଧୀନରେ ଶିକ୍ଷା ଗ୍ରହଣ କରୁଛନ୍ତି। ସେମାନଙ୍କ ପାଇଁ ବାର୍ଷିକ ୪୮ ଲକ୍ଷ ପାଠ୍ୟପୁସ୍ତକ ଆବଶ୍ୟକ ହେଉଥିବା ବେଳେ ଏବେ ସୁଦ୍ଧା ବଜାରକୁ ପର୍ଯ୍ୟାପ୍ତ ପରିମାଣର ବହି ଆସି ନ ଥିବାରୁ ପିଲାମାନେ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ଚିନ୍ତାର ବିଷୟ ହେଉଛି ଯେ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ ୩ୟ ଓ ୬ଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏପର୍ଯ୍ୟନ୍ତ ଗୋଟିଏ ବି ବହି ଉପଲବ୍ଧ ହୋଇପାରି ନାହିଁ। କାରଣ ୨୦୨୪-୨୫ ଶିକ୍ଷାବର୍ଷରେ ଏହି ଦୁଇ ଶ୍ରେଣୀର ସିଲାବସ୍‌ରେ ପରିବର୍ତ୍ତନ କରାଯାଇଥିବାରୁ ଏଯାଏଁ ଗୋଟିଏ ବି ଛାପିନି ଏନ୍‌ସିଇଆରଟି। ୪ର୍ଥ, ୫ମ, ୯ମ ଓ ଏକାଦଶ ଶ୍ରେଣୀରେ ମଧ ସମାନ ଅବସ୍ଥା। ଏପ୍ରିଲ ପ୍ରଥମ ସପ୍ତାହ ବିତିବାକୁ ବସିଥିଲେ ମଧ ଏପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବଜାରକୁ ଆସିପାରି ନାହିଁ। ପ୍ରଥମ, ଦ୍ୱିତୀୟ, ୭ମ, ୮ମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଆବଶ୍ୟକ ପରିମାଣର ପୁସ୍ତକ ବଜାରରେ ଉପଲବ୍ଧ ହେଉ ନ ଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ଏବେ କେବଳ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅପେକ୍ଷା କରି ରଖିଛନ୍ତି।

ଓଡ଼ିଶା ବଜାରରେ ପାଠ୍ୟପୁସ୍ତକ ମିଳୁ ନ ଥିବାରୁ ସେମାନେ କୋଲକାତା ଓ ଦିଲ୍ଲୀ ବଜାରରୁ ଚଢ଼ା ଦରରେ ପାଠ୍ୟପୁସ୍ତକ କ୍ରୟ କରି ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦେଉଛନ୍ତି। ଭୁବନେଶ୍ୱରରେ ଥିବା ଏକ ପ୍ରତିଷ୍ଠିତ ବିଦ୍ୟାଳୟର ଅଧ୍ୟକ୍ଷଙ୍କ କହିବା କଥା ହେଉଛି ଯେ ଏନ୍‌ସିଇଆରଟି ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ପାଠ୍ୟପୁସ୍ତକ ଛପାଯାଉ ନ ଥିବାରୁ ଏଭଳି ସମସ୍ୟା ହେଉଛି। ଗତବର୍ଷ ମଧ ପାଠ୍ୟପୁସ୍ତକ ଅଭାବ ପରିଲକ୍ଷିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ତିନି ମାସ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ତା'ସତ୍ତ୍ୱେ ଏନ୍‌ସିଇଆରଟି କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଶେଷ ମୁହୂର୍ତ୍ତରେ ପାଠ୍ୟକ୍ରମରେ ପରିବର୍ତ୍ତନ କରି ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ଏହାଦ୍ୱାରା ସମସ୍ତେ ପ୍ରଭାବିତ ହେଉଛୁ। ଭୁବନେଶ୍ୱରରେ ଥିବା ଏନ୍‌ସିଇଆରଟି କାର୍ଯ୍ୟାଳୟର ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ ସେମାନେ ହାତ ଟେକି ଦେଉଛନ୍ତି। ମୁଖ୍ୟ କାର୍ଯ୍ୟାଳୟରୁ ବହି ଆସୁ ନ ଥିବାରୁ ଆମେ କେଉଁଠୁ ଯୋଗାଇବୁ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି।

ପାଠ୍ୟପୁସ୍ତକ ଅଭାବ ସମସ୍ୟା କେବଳ ଯେ ଓଡ଼ିଶାରେ ହୋଇଛି ତାହା ନୁହେଁ। ଜାତୀୟ ସ୍ତରରେ ମଧ ଏହି ସମସ୍ୟା ଦେଖାଦେଇଥିବାରୁ ଅଭିଭାବକ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନ୍‌ସିଇଆରଟି କର୍ତ୍ତୃପକ୍ଷ କହିଛନ୍ତି ଯେ ସ୍କୁଲଗୁଡ଼ିକ ଆବଶ୍ୟକ ପାଠ୍ୟପୁସ୍ତକ ଯୋଗାଇବା ଦିଗରେ ଆମେ କାର୍ଯ୍ୟ କରୁଛୁ। ପ୍ରଥମ, ଦ୍ୱିତୀୟ, ୭ମ, ୮ମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ୩୩ ଲକ୍ଷ ପୁସ୍ତକ ଛପାଯାଇ ଦୋକାନରେ ପହଞ୍ଚାଯାଇଛି। ତୃତୀୟ ଓ ଷଷ୍ଠ ଶ୍ରେଣୀର ନୂତନ ସିଲାବସ୍ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ପୁସ୍ତକ ଏପ୍ରିଲ ଓ ମେ' ମାସରେ ପ୍ରକାଶିତ ହେବ। ଜୁନ୍ ମାସ ବେଳକୁ ବଜାରରେ ଉପଲବ୍ଧ ହେବ। ୪ର୍ଥ, ୫ମ, ୯ମ ଓ ଏକାଦଶ ଶ୍ରେଣୀର ପାଠ୍ୟପୁସ୍ତକ ଚଳିତ ମାସ ବଜାରକୁ ଆସିଯିବ। ଅଭିଭାବକ ଓ ଛାତ୍ରଛାତ୍ରୀ ଧୈର୍ଯ୍ୟ ଧରିବା ସହ ବ୍ୟସ୍ତ ନହେବାକୁ ଏନ୍‌ସିଇଆରଟି ପକ୍ଷରୁ ନିବେଦନ କରାଯାଇଛି।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ମେଲଣରୁ ଉଠାଇ ନେଇ ଦୁଷ୍କର୍ମ : ଜେଲ ଗଲା ଯୁବକ

ଧର୍ମଶାଳା, ୫/୪ (ନି.ପ୍ର): ଏକ ତରଫା ପ୍ରେମ । ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଭଲ ପାଇବା ହେଲା କାଳ । ଆଉ ଏହି ପ୍ରେମରେ ଅନ୍ଧ ହୋଇ ଘର ନିକଟରୁ ମେଲଣ ଉତ୍ସବ ଚାଲିଥିବା ବେଳେ ଛାତ୍ରୀଙ୍କୁ ଉଠାଇ ନେଲା ଯୁବକ। ପରେ ଛାତ୍ରୀଙ୍କ ସହ ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖି ଯୁବକ ଜଣକ ତାଙ୍କ ସମ୍ପର୍କୀୟଙ୍କ ଘରକୁ ନେଇଥିଲା । ଯୁବତୀଙ୍କ ବୟସ ହୋଇ ନ ଥିବାରୁ ଯୁବକଙ୍କ ପରିବାର ଅରାଜି ହୋଇଥିଲେ। ପରେ ରାତି ୨ଟାରେ ଛାତ୍ରୀଙ୍କ ଘର ଆଗରେ ଛାଡି ଦେଇ ପଳାଇଥିଲା। ଏନେଇ ଛାତ୍ରୀ ଜଣକ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲା। ଅଭିଯୋଗ ଆଧାରରେ ଶେଷରେ ଆଜି ଯୁବକକୁ ଜେଲ ଯିବାକୁ ପଡିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ । ଯୁବକ ଜଣକ ହେଲେ ମଙ୍ଗରାଜପୁର ଗ୍ରାମର କୈଳାସ ଖୁଂଟିଆଙ୍କ ପୁଅ ଦିଲିପ(୨୬) ବୋଲି ଜଣାପଡିଛି । ଅଭିଯୋଗ ମୁତାବକ,ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ରୀକୁ ଏହି ଗ୍ରାମର କୈଳାଶ ଖୁଂଟିଆଙ୍କ ପୁଅ ଦିଲିପ(୨୬) ଉକ୍ତ ଛାତ୍ରୀକୁ ଏକତରଫା ପ୍ରେମ କରି ଆସୁଥିଲା । ଫଳରେ ଏହି ଏକତରଫା ପ୍ରେମରେ ଅନ୍ଧ ହୋଇଯାଇଥିଲା ଦିଲିପ । ଚଳିତ ମାସ ୧ ତାରିଖ ଦିନ ଘର ନିକଟରେ ଚଅପୋଇ ମେଲଣ ଚାଲିଥିଲା । ଛାତ୍ରୀ ଜଣକ ଏହି ମେଲଣକୁ ଦେଖିବା ପାଇଁ ଯାଇଥିଲେ । ସେଠାରେ ଦିଲିପ ତାଙ୍କୁ ଘରକୁ ଗାଡିରେ ଯିବାକୁ କହି ଯାଜପୁର ରୋଡ ଅଂଚଳକୁ ନେଇ ଯାଇଥିଲେ। ସେଠାରେ ରଖି ବଳ ପୂର୍ବକ ତାହା ସହିତ ଶାରିରୀକ ସମ୍ପର୍କ ରଖି ଥିଲା । ପରେ ଦିଲିପ ତାଙ୍କ ସମ୍ପର୍କୀୟ ମାଉସୀ ଘରକୁ ନେଇ ଯାଇଥିଲା । ସମ୍ପର୍କୀୟ ଓ ପରିବାର ଲୋକେ ଛାତ୍ରୀଙ୍କର ବିବାହ ବୟସ ହୋଇ ନ ଥିବାରୁ ତାଙ୍କୁ ଘରେ ରଖିବାକୁ ରାଜି ହୋଇ ନ ଥିଲେ । ପରେ ଦିଲିପ ରାତି ୨ଟାରେ ତାଙ୍କୁ ଗାଡିରେ ଆଣି ଘର ନିକଟରେ ଛାଡି ପଳାଇଥିଲା । ଏନେଇ ଛାତ୍ରୀ ଜଣକ ଘରେ ଜଣାଇବା ପରେ ବ୍ରହ୍ମବରଦା ଥାନାରେ ଛାତ୍ରୀ ଦିଲିପଙ୍କ ନାମରେ ଅଭିଯୋଗ କରିଥିଲେ । ପୋଲିସ ଥାନାରେ ୫୯।୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଆଜି ଦିଲିପ ଏକ ବାଇକରେ ଯିବା ସମୟରେ ପୋଲିସ ତାକୁ ଗିରଫ କରିଥିଲା । ଉଭୟଙ୍କୁ ଧର୍ମଶାଳା ଥାନାରେ ଡାକ୍ତରୀ ମଇନା କରାଯାଇଥିଲା । ଡାକ୍ତରୀ ମଇନା ପରେ ଦିଲିପକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଏଭଳି ଘଟଣାକୁ ନେଇ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ବଗଡ଼ା ପଂଚାୟତରେ ବିଜେଡିର ସାଂଗଠନିକ ବୈଠକ

କେନ୍ଦ୍ରାପଡ଼ା, ୫/୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତରେ ବିଜେଡିର ସାଂଗଠନିକ ବୈଠକ ପଂଚାୟତ ସଭାପତି ସୁରେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ସାଧାରଣ ନିର୍ବାଚନରେ ସଂସଦ ତଥା ବିଧାନସଭା ପ୍ରାର୍ଥୀଙ୍କୁ ଦଳ ତରଫରୁ ଅଧିକ ଜନ ସମର୍ଥନ ଯୋଗାଇବା ଲକ୍ଷ୍ୟରେ ସମସ୍ତେ ଏକଜୁଟ ହେବାକୁ ବୈଠକରେ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ୮ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମି ରଞ୍ଜନ ରାଉତ, ବ୍ଲକ ସଂପାଦକ କୈଳାସ ଚନ୍ଦ୍ର ପ୍ରଧାନ, ବଗଡା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଇଂ ଅକ୍ଷୟ କୁମାର ପାଣି ଅତିଥି ଭାବେ ଯୋଗଦେଇ ପଂଚାୟତର ବିକାଶ ଦିଗରେ ନିଆ ଯାଇଥିବା ବ୍ୟାପକ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ।

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ବାଳିକା ପ୍ରତିଯୋଗୀଙ୍କ କୃତିତ୍ୱ

କେନ୍ଦ୍ରାପଡ଼ା, ୫/୪ (ନି.ପ୍ର): ଜାତୀୟ ଯୋଗାସନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ବାଳିକା ପ୍ରତିଯୋଗୀଙ୍କୁ ସଫଳତା ମିଳିଛି। ମୋଟ୍ ୬ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ଜିତି ରାଜ୍ୟ ତଥା ଜିଲ୍ଲା ପାଇଁ ଜିଲ୍ଲାର ବାଳିକା ପ୍ରତିଯୋଗୀ ଗୌରବ ସାଉଁଟିଛନ୍ତି ବୋଲି ସୂଚନା ଦେଇଛନ୍ତି ଜିଲ୍ଲା କ୍ରୀଡ଼ା ଅଧିକାରୀ। ଜାତୀୟ ଯୋଗାସନ ସ୍ପୋର୍ଟସ୍ ଫେଡେରେସନ୍ ପକ୍ଷରୁ ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ଚତୁର୍ଥ ଯୋଗାସନ ସ୍ପୋର୍ଟସ୍ ପ୍ରତିଯୋଗିତାରେ କେନ୍ଦ୍ରପଡ଼ା ଜିଲ୍ଲାରୁ ୧୦ଜଣ ବାଳିକା ପ୍ରତିଯୋଗୀ ଓ ଦୁଇ ଜଣ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସବ୍-ଜୁନିଅର ବାଳିକା ବିଭାଗର ଆର୍ଟିଷ୍ଟିକ୍ ପେୟାର ବର୍ଗରେ ଶ୍ରେୟା ନାୟକ ଓ ତନିସା ତନ୍ମୟିନୀ କାଂସ୍ୟ ପଦକ ଜିତିଥିବା ବେଳେ ସବ୍-ଜୁନିଅର ବାଳିକା ବିଭାଗ ଆର୍ଟିଷ୍ଟିକ୍ ଗ୍ରୁପ୍ ବର୍ଗରେ ଶ୍ରେୟା ନାୟକ, ତନିସା ତନ୍ମୟିନୀ, ଗାୟତ୍ରୀ, ପ୍ରିୟଙ୍କା, ଶୁଭଶ୍ରୀ ରାଉତଙ୍କୁ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିଥିଲେ। ସେହିପରି ଜୁନିୟର୍ ବାଳିକା ବିଭାଗର ଆର୍ଟିଷ୍ଟିକ୍ ବ୍ୟକ୍ତିଗତ ବର୍ଗରେ ଟୁଇଙ୍କିଲ୍ ସ୍ୱାଇଁ ଦ୍ୱିତୀୟସ୍ଥାନ ଅଧିକାର କରି ରୋପ୍ୟ ପଦକ ଜିତିଥିଲେ। ଜୁନିୟର୍ ଆର୍ଟିଷ୍ଟିକ୍ ଦଳଗତ ବର୍ଗରେ ଟୁଇଙ୍କିଲ୍ ସ୍ୱାଇଁ, ଅର୍ପିତା ସ୍ୱାଇଁ, ସ୍ମୃତିରେଖା ପାଣି, ସୋନାଲିନ୍ ଏବଂ ଉଷାରାଣୀ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ପ୍ରଜ୍ଞାପାରମ୍ଭିକା ପାଣି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ମଥାନ ବିଚାରକର ଦାୟିତ୍ୱ ନିର୍ବାହ କରିଥିଲେ।

# ଅବ୍ୟବସ୍ଥାରେ ହାତୀଆନସା ଅଙ୍ଗନୱାଡି : ଅସନ୍ତୋଷ ଗ୍ରାମବାସୀ

ଚମ୍ପୁଆ, ୫/୪ (ନି.ପ୍ର): ସରକାର ମହିଳା ଓ ଶିଶୁଙ୍କ ବିକାଶ ଲାଗି ଯୋଜନା ଉପରେ ଯୋଜନା କରୁଥିବା ବେଳେ କିଛି କର୍ମଚାରୀ ଓ ଅଧିକାରୀଙ୍କ ସଲାସୁତୁରା ପାଇଁ ଚମ୍ପୁଆ ଉପଖଣ୍ଡରେ ସବୁ ଫେଲ ମାରୁଥିବା ଦେଖିବାକୁ ମିଳୁଛି କ୍ଷ କୋମଳମତି ଶିଶୁଙ୍କୁ ପ୍ରାକ ଶିକ୍ଷା ସହିତ ପୃଷ୍ଟିକର ଖାଦ୍ୟ ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଅଙ୍ଗନୱାଡି। ଉପଯୁକ୍ତ ପରିବେଶରେ ଖାଦ୍ୟ, ସ୍ୱାସ୍ଥ୍ୟ ସହିତ ଶିକ୍ଷାକୁ ଗୁରୁତ୍ୱ ଦେଇ ଗଢ଼ା ଯିବା କଥା ଶିଶୁଙ୍କ ଭବିଷ୍ୟତ। କିନ୍ତୁ ଏଠି ମାସ ମାସ ଧରି ଅବ୍ୟବସ୍ଥା ଭିତରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ବେଳେ ଅଭିଯୋଗ ପାଇ ମଧ ପ୍ରଶାସନ ମହିଳା ଓ ଶିଶୁ ମାନଙ୍କୁ ଜାଣି ଜାଣି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଖବରଅନୁସାରେ, ଦୀର୍ଘଦିନରୁ ଅବ୍ୟବସ୍ଥାରେ ଚାଲିଛି ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଗୁଣ୍ଡୁଣିଆ ପଂଚାୟତର ହାତୀଆନସା ଅଙ୍ଗନୱାଡି କେନ୍ଦ୍ର। ସାତ ମାସରୁ ଉର୍ଦ୍ଧ ହେବ ପ୍ରସୂତି, ଗର୍ଭବତୀ ମହିଳାଙ୍କୁ ମିଳୁନାହିଁ ପୃଷ୍ଟିକର ଖାଦ୍ୟ କି ଆନୁସଙ୍ଗିକ ସହାୟତା। ଏପରିକି ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା କୁନି କୁନି ପିଲାଙ୍କୁ ମଧ ଦିଆଯାଉ ନାହିଁ ସକାଳ ଜଳଖିଆ। ଖାଦ୍ୟରେ ଅଣ୍ଡା ଦେବା ଅଙ୍ଗନୱାଡି ଦିଦି ଏକ ପ୍ରକାର ଭୁଲି ଯାଇଥିବା ବେଳେ କେନ୍ଦ୍ରର ଅଙ୍ଗନୱାଡି ଦିଦିଙ୍କ ମନ ମର୍ଜିରେ କେନ୍ଦ୍ର ଚାଲୁ ଥିବାରୁ ଏହାକୁ ନେଇ ତେଜୁଛି ଅସନ୍ତୋଷ। କେନ୍ଦ୍ରକୁ ଆସୁ ଥିବା କୁନି କୁନି ଛାତ୍ର, ଛାତ୍ରୀଙ୍କୁ ପୃଷ୍ଟି କର ଖାଦ୍ୟ ଦେବା ତ ଦୂର କଥା ସକାଳର ଜଳ ଖିଆ ମଧ ମିଳୁ ନାହିଁ। ଗ୍ରାମର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ କୌଣସି ପୃଷ୍ଟିକର ଖାଦ୍ୟ ଦେବାର ନା ଧରୁ ନ ଥିବାବେଳେ ଜନ୍ମ ମୃତ୍ୟୁ ର ପଞ୍ଜିକରଣ ମଧ କରାଯାଉ ନ ଥିବାରୁ ଗ୍ରାମର ଲୋକେ ପ୍ରମାଣ ପତ୍ର ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବହୁବାର ଚମ୍ପୁଆ ଉପଜିଲ୍ଲାପାଳ ତଥା ଝୁମ୍ପୁରା ସିଡିପିଓ ଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସମ୍ପୃକ୍ତ ଅଙ୍ଗନୱାଡି ଦିଦିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖା ଦେବା ସହ ଆଜି ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ହୋ ହାଲ୍ଲା ମଧ କରିଥିବା ଦେଖିବାକୁ ମିଳିଛି। ତେବେ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି।

# ପଲ୍ଲୀ ରଘୁନାଥପୁର ଗ୍ରାମରେ ପାନୀୟ ଜଳ ସଙ୍କଟ ନେଇ ଗ୍ରାମବାସୀ ଭେଟିଲେ ଜିଲ୍ଲାପାଳଙ୍କୁ

କେନ୍ଦ୍ରାପଡ଼ା, ୫/୪ (ନି.ପ୍ର): ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏଭଳି ସମସ୍ୟାରେ ଉବୁଟୁବୁ ହେଉଥିବା କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଂଚାୟତର ପଲ୍ଲୀରଘୁନାଥପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଅତ୍ୟନ୍ତ ଉତ୍କଟ ହେଉଥିବା ଦେଖିବାକୁ ମିଳିଛି । ଏହି ଗାଁର ଲୋକମାନେ ଦୀର୍ଘଦିନ ଧରି ଡେରାବିଶ ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରାପଡା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଗୁରୁବାର ଗ୍ରାମର ୧ ଓ ୨ନମ୍ବର ୱାର୍ଡର ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ଓଭରହେଡ୍ ପାଣିଟାଙ୍କି ରହିଛି। ଏହି ଟାଙ୍କିରୁ ପାଇପ ଯୋଗେ ୪ଟି ୱାର୍ଡକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ମାତ୍ର ଗ୍ରାମର ୧ ଓ ୨ନମ୍ବର ୱାର୍ଡର ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପିଇବା ପାଣିରୁ ବଂଚିତ ହେଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟଚକିତ ବିଷୟ ହେଉଛି ଏହି ଜଳ ଯୋଗାଣ ବ୍ୟବସ୍ଥାରୁ କେତେକ ଅସାଧୁ ବ୍ୟକ୍ତି ଚୋରାରେ ମଟର ଲଗାଇ ନିଜ ଚାଷଜମିକୁ ପାଣି ମଡାଉଥିବାରୁ ଏହି ଦୁଇ ୱାର୍ଡବାସୀ ଜଳକ୍ଲିଷ୍ଟ ଭାବେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷ କରି ଗ୍ରାମର ମହିଳାମାନେ ଏଥିନିମନ୍ତେ ଗ୍ରାମ ଠାରୁ ବହୁ ଦୂରରେ ଥିବା ଗ୍ରାମରୁ ପାଣି ଆଣିବାକୁ ଯିବାକୁ ପଡୁଛି । ବ୍ଲକରେ କାର୍ଯ୍ୟରତ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ସେ କେବଳ ସମୟ ଗଡାଇ ଚାଲିଛନ୍ତି ବୋଲି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ତେବେ ଏହି ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ମୟୂର ବିକାଶ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅଦିତି କଲେଜର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ

ସୋନପୁର, ୫/୪ (ନି.ପ୍ର): ଅଦିତି ଉଚ୍ଚ ମାଧମିକ ବିଦ୍ୟାଳୟର ଦ୍ୱିତୀୟ ସାମ୍ବତ୍ସରିକ ଉତ୍ସବ ଆମ୍ବ ବିସ୍ତାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ ଭବାନୀ ଶଙ୍କର ରାଉତ ଯୋଗଦେଇ ପାଠପଢ଼ା ସହିତ ଛାତ୍ର ଛାତ୍ରୀମାନଙ୍କ ଅନ୍ତର୍ନିହିତ କଳାର ବିକାଶ ଲାଗି ଉଦ୍ୟମ ଆବଶ୍ୟକ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ବରିଷ୍ଠ ଓଡ଼ିଆ ପ୍ରାଧ୍ୟାପକ ବାସୁଦେବ ପାତ୍ର ଯୋଗଦେଇ ଛାତ୍ର ଛାତ୍ରୀମାନେ ନିଜ ଅଂଚଳର ସଂସ୍କୃତି ସହିତ ଜଡ଼ିତ ହେବା ଉଚିତ ବୋଲି ମତ ରଖିଥିଲେ। ଅଦିତି କଲେଜର ଚେୟାରମେନ ଡଃ ଜ୍ୟୋତି ରଞ୍ଜନ ବହିଦାର ସଭାରେ ସଭାପତିତ୍ୱ କରି ଅନ୍‌ଲାଇନ ନୁହେଁ ନିଜର ପିଲା ଛୁଆର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ମାଆମାନଙ୍କୁ ଅପ୍ ଲାଇନ୍ ହେବାକୁ ପଡ଼ିବ ବୋଲି ମତ ଦେଇଥିଲେ। ଅଧ୍ୟାପିକା ଲଭଲୀ ଶ୍ରୀ ମିଶ୍ର ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପକ ନିଶାନ୍ତ ମହାନ୍ତି ବାର୍ଷିକ ବୀବରଣୀ ପଠନ କରିଥିଲେ। କଲେଜ ଅଧକ୍ଷା ଶ୍ରୀମତି ଲିଖିତା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅର୍ଥନୀତି ବିଭାଗ ଅଧ୍ୟାପିକା ଚିନ୍ମୟାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କ୍ରିଡ଼ା, ସାଂସ୍କୃତିକ ତଥା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶୁଭଶ୍ରୀ ପୃଷେଠ, ସ୍ୱୟଂସୌମ୍ୟା ବଡ଼ପଣ୍ଡା, ଗୁଣୀତା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଡାୟାଲିସିସ କେନ୍ଦ୍ରରେ ରୋଗୀ ହନ୍ତସନ୍ତ




ବଣାଇଗଡ଼, ୫/୪ (ନି.ପ୍ର): ବଣାଇ ଉପଖଣ୍ଡ ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରି ଚିକିତ୍ସିତ ହେଉଥିବା ରୋଗୀ ଅନେକ ସମୟରେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ଏଠାରେ ଥିବା ଡାୟାଲିସିସ କେନ୍ଦ୍ରରେ। କର୍ମଚାରୀ ଅଭାବରୁ ସେଠାରେ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ବଣାଇ ଡାକ୍ତରଖାନାରେ ଏକ ଡାୟାଲିସିସ କେନ୍ଦ୍ର ଖୋଲିବା ପାଇଁ ସ୍ଥାନୀୟଲୋକେ ଦୀର୍ଘଦିନରୁ ଦାବି କରିଆସୁଥିଲେ। ଗତ ଜାନୁଆରି ପ୍ରଥମ ସପ୍ତାହରେ ୫-ଟି ଅଧକ୍ଷ ବଣାଇ ଗସ୍ତ କରିଥିବାବେଳେ ବଣାଇ ସରକାରୀ ଡାକ୍ତରଖାନାରେ ସ୍ୱତନ୍ତ୍ର ଡାୟାଲିସିସ କେନ୍ଦ୍ର ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟି ୮୧ ଲକ୍ଷ ଟଙ୍କା ମଞ୍ଜୁର କରିଥିବା କଥା ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ବଣାଇ ଡାକ୍ତରଖାନା ପରିସରରେ ୪ ଗୋଟି ଡାୟାଲିସିସ ମେସିନ ଓ ଆନୁଷଙ୍ଗିକ ବ୍ୟବସ୍ଥା ସହ ଏକ କେନ୍ଦ୍ର ଖୋଲାଯାଇଥିଲା। ଯାହାକୁ ଫେବ୍ରୁୟାରି ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧମରେ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ ବଣାଇ ଅଞ୍ଚଳର ରୋଗୀମାନେ ଆଉ ରାଉରକେଲା କିଂବା ସୁନ୍ଦରଗଡ଼ ଉପରେ ନିର୍ଭର ନ କରି ବଣାଇକେନ୍ଦ୍ରରେ ଉପକୃତ ହୋଇପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। କିଛିଦିନ ପାଇଁ ଠିକଠାକ୍ ଭାବେ ସ୍ୱାସ୍ଥ୍ୟସେବା ମିଳିବାରୁ ଲୋକେ ଖୁସି ହୋଇଥିଲେ। କିନ୍ତୁ ଗତ କିଛିଦିନ ହେବ ଅଭିଜ୍ଞ ଟେକ୍ନିସିଆନ ଅଭାବରୁ ଏହି ସେବା ପାଇବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଡାୟାଲିସିସ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଠିକାସଂସ୍ଥା ପିପିପି ମୋଡ୍‌ରେ ଡାକ୍ତର ଓ ଟେକ୍ନିସିଆନ ନିଯୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ଚୁକ୍ତି କରିଥିଲେ ମଧ ଆବଶ୍ୟକ ମୁତାବକ ଟେକ୍ନିସିଆନ ନିଯୁକ୍ତି ଦେଇନାହିଁ। ଏଠାରେ ନିୟୋଜିତ ଥିବା ଟେକ୍ନିସିଆନ ୪-୫ ଦିନ କାର୍ଯ୍ୟ କଲାପରେ ଅନ୍ୟକେନ୍ଦ୍ରକୁ ପଠାଇ ଦିଆଯାଉଥିବାରୁ ଏ ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଫଳରେ ଏଠାରେ ରହୁଥିବା ଅନଭିଜ୍ଞ କର୍ମଚାରୀମାନେ ରୋଗୀଙ୍କୁ ଉତ୍ତମସେବା ଯୋଗାଇ ଦେବାରେ ବିଫଳ ହେଉଛନ୍ତି। ତେଣୁ ରୋଗୀମାନଙ୍କୁ ରାଉରକେଲା ଯାଇ ଚିକିତ୍ସିତ ହେବାକୁ ପଡୁଛି। ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ବଣାଇବାସୀ ଦାବି କରିଛନ୍ତି।ଏ ବାବଦରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ମନୋଜ କୁମାର ପତିଙ୍କୁ ପଚାରିବାରୁ କେନ୍ଦ୍ରରେ କର୍ମଚାରୀ ନିଯୁକ୍ତି ପାଇଁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଥିବା ପ୍ରକାଶ କରିଛନ୍ତି।

# ମନରେଗା ଯୋଜନାରେ ଠିକାଦାର: କାମ ନପାଇ ଗାଁ ଲୋକ ପାଲଟିଛନ୍ତି ଦାଦନ

ମାଲକାନଗିରି, ୫/୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଂଚାୟତରେ ମନରେଗା ଯୋଜନା ପାଲଟିଛି ପ୍ରହସନ। ଏହି ଲୋକାଭିମୁଖି ଯୋଜନାରେ ପ୍ରକୃତ ଜବକାର୍ଡ ଧାରୀ ମାନେ କାମ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ ଏହି ଯୋଜନାରେ କେତେକ ସ୍ଥାନରେ ବାହାର ଜିଲ୍ଲାର ଶ୍ରମିକ ଓ ମେସିନ ସାହାଯ୍ୟରେ କାମ କରୁଥିବା ଦେଖିବାକୁ ମିଳିଛି। ଏଭଳି ଏକ ମହତ୍ ଯୋଜନାକୁ ବିଭାଗୀୟ ଅଧିକାରୀ ଅର୍ଥର ଲାଳସାରେ ଲୋକଙ୍କୁ ନେଇ କାମ କରାଇବା ପରିବର୍ତ୍ତେ କିଛି ଠିକାଦାରଙ୍କ ସହଯୋଗରେ ମେସିନ ଓ ବାହାର ରାଜ୍ୟର ଶ୍ରମିକ ଲଗାଇ ପ୍ରକଳ୍ପ ଗୁଡିକୁ ଚଟାପଟ ସାରି ଦେଉଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଦୁର୍ଗମ ଅଂଚଳ ତଥା ଆଦିବାସୀ ଅଧ୍ୟୁଷିତ ଇଲାକା ଦେଖି ପଂଚାୟତ ଓ ବ୍ଲକ କର୍ମଚାରିଙ୍କ ଇଙ୍ଗିତରେ ସମ୍ପୃକ୍ତ ଅଂଚଳର ଠିକାଦାରଙ୍କୁ ନେଇ ଏଭଳି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ମାନ୍ୟମକୋଣ୍ଡା ପଂଚାୟତର ଟାଗୁରକୋଟା ଗ୍ରାମରେ । ସୂଚନା ମୁତାବକ ୨୦୨୩-୨୪ ଆର୍ଥିକ ବର୍ଷରେ ୪,୯୦,୦୦୦ ଟଙ୍କା ବ୍ୟୟରେ କାଉଣ୍ଟରଟ୍ରେଂଚ କାମ ହୋଇଛି। ଏହି କାମରେ ଏମ ପି ଭି ୪୧ ଗ୍ରାମର ଶୁମନ୍ତ ବିଶ୍ୱାସ ନାମକ ଠିକାଦାର ନବରଙ୍ଗପୁର ଜିଲ୍ଲାର ଶ୍ରମିକ ମାନଙ୍କୁ ନେଇ କାମ ସାରିଦେଇଥିବା ବେଳେ ଗାଁ ଲୋକେ କାମ ନ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଏବଂ ଏହି କାମରେ ଯେତିକି ଗାତ ଖୋଳିବା କଥା ତାହା କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସଂପର୍କରେ କାମ କରୁଥିବା ଠିକାଦାରଙ୍କୁ ପଚାରିବାରୁ ମୋତେ ଏହି କାମ ଗ୍ରାମ ରୋଜଗାର ସେବକ ଗୋପାଳ ଦେଇଛି ଏବଂ ସ୍ଥାନୀୟ ଜବ କାର୍ଡ ଧାରୀ ଶ୍ରମିକ ନ ମିଳିବାରୁ ମୁ ନବରଙ୍ଗପୁର ଜିଲ୍ଲାର ଶ୍ରମିକ ଆଣି କାମ କରେଇଛି ବୋଲି କହିଛନ୍ତି । ତେବେ ଏ ନେଇ ସ୍ଥାନୀୟ ଲୋକଙ୍କୁ ପଚାରିବାରୁ ସେମାନେ ଏହି କାମ ମନରେଗାରେ ହୋଇଥିବା ଶୁଣିବାକୁ ପାଇଥିଲେ ମଧ କାର୍ଯ୍ୟ ପୂର୍ବରୁ କୌଣଷି ବୈଠକ କିମ୍ୱା ଡିମାଣ୍ଡ ମଧ ଗ୍ରହଣ କରାଯାଇନଥିବା କହିଥିଲେ । ବିଭାଗୀୟ ଅଧିକାରୀ ମାନେ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ସାରିବା ପରେ ଏକ ଅବୈଧାନିକ ପ୍ରକ୍ରିୟା ମାଧମରେ ପ୍ରକଳ୍ପର ଅର୍ଥରାଶି ଲୋକଙ୍କ ଆକାଉଣ୍ଟକୁ ଛାଡି ପୁଣି ଠିକାଦାର ସେହି ଅର୍ଥକୁ ଉଠାଉଥିବା ନେଇ ସ୍ଥାନୀୟ ଅଂଚଳର କିଛି ଲୋକ ନିଜ ନାମକୁ ଗୁପ୍ତରେ ରଖି କହିଛନ୍ତି । ତେବେ ଏନେଇ ସମ୍ପୃକ୍ତ ପଂଚାୟତର ଗ୍ରାମ ରୋଜଗାର ସେବକଙ୍କ ସହ ଯୋଗା ଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ପାରି ନଥିବାରୁ ପ୍ରତିକ୍ରିୟା ମିଳି ପାରିନାହି । ମନରେଗା ଭଳି ମହତ୍ ଯୋଜନାରେ ଏଭଳି ବ୍ୟବସ୍ଥା ସ୍ଥାନୀୟ ଅଂଚଳରେ ଲୋକଙ୍କୁ ଦୈନିକ ମଜୁରୀରୁ ବଂଚିତ କରିବା ସହ ଦାଦନ ଶ୍ରମିକ ସୃଷ୍ଟି କରୁଥିବା ବୁଦ୍ଧିଜିବୀ ମହଲରେ କୁହାଯାଇଛି।

## ପ୍ରାଣୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଅବ୍ୟବସ୍ଥା ଅଭିଯୋଗ

ମାଲକାନଗିରି, ୫/୪ (ନି.ପ୍ର): କୁକୁର ଦେହରେ ତୀର । ଚିକିତ୍ସା ପାଇଁ ହାତ ଟେକି ଦେଲା ପଶୁ ଚିକିତ୍ସାଳୟ । ମାଲକାନଗିରି ପ୍ରଧାନୀଗୁଡା ଅଂଚଳରେ ଗତ ତିନ ଦିନ ଧରି କୁକୁରଟି ଦେହରେ ତୀରଟି ପଶି ରହିଥିବା ବେଳେ ସେ ଛଟପଟ ହେଉଛି । କିଛି ବଦାନ୍ୟ ବ୍ୟକ୍ତି କୁକୁରଟିକୁ ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ଆଣିଛନ୍ତି । ତେବେ ପଶୁ ଚିକିତ୍ସାଳୟରେ କୁକୁରଟିକୁ ଚିକିତ୍ସା ନକରି ପ୍ରଥମେ ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ପଶୁ ଚିକିତ୍ସାଳୟରେ ଅସ୍ତ୍ରପୋଚାର କରିବାକୁ ଆବଶ୍ୟକ ଡାକ୍ତର ନାହାନ୍ତି । ଅପରେଶନ ଥିଏଟର ନାହିଁ କି ଆବଶ୍ୟକୀୟ ଭିତିଭୂମି ନାହିଁ କହି ଅସହୟତା ପ୍ରକାଶ କରିଛନ୍ତି ପଶୁ ଚିକିତ୍ସା ବିଭାଗରେ ଉପ-ନିର୍ଦ୍ଦେଶକ । ଏ ଖବର ପାଇ ପଶୁ ଚିକିତ୍ସାଳୟରେ ଗଣମାଧ୍ୟମ ପ୍ରତିନିଧି ପହଁଚିଥିଲେ । ପ୍ରାୟ ୩ ଘଣ୍ଟା କାଳ ଅପେକ୍ଷା କରିବା ପରେ କୁକୁରଟିର ପ୍ରାଥମିକ ଚିକିତ୍ସା ଆରମ୍ଭ ହୋଇଛି ।

# କେତେ ଭଲ ଗର୍ଭ ନିରୋଧକ ବଟିକା ?



ଡାକ୍ତର ଶୁଭଶ୍ରୀ ମିଶ୍ର

ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟନରୁ ଜଣାଯାଇଛି ଭାରତରେ କେବଳ ୪୮.୫ % ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ ।

ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ହୋଇଯିବା ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ି ଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୁଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୁଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ । ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୮୬୧୪୬୩୪୦୬

# ଆଇରନ୍ କିମ୍ବା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା’: ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା’ କିମ୍ବା କପେ କଫିରୁ କରିଥାନ୍ତି । ସେମାନଙ୍କୁ ଏହା ଫୁର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା’ ସହିତ ଅନେକ ଜିନିଷ ଖାଇଥାନ୍ତି । କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା’ ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ । ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା’ ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ । ଯଦି ଆପଣ ସକାଳ ସମୟରେ ଚା’ ପିଉଛନ୍ତି । ତେବେ ଚା’ ସହିତ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଚା’ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ । ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ । ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ । କିନ୍ତୁ କେବେ ହେଲେ ଏହାକୁ ଚା’ ସହିତ ଖାଆନ୍ତୁ ନାହିଁ । ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ । ଚା’ ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଚା’ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ ଭଲ ନୁହେଁ । ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ । ଚା’ର ସେବନ କରୁଥିଲେ ଚା’ ସହ ସବୁଜ ପରିବା ଖାଆନ୍ତୁ ନାହିଁ । ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ । ଯାହାଦ୍ୱାରା ଚା’ ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖା ଯାଇଥାଏ ।



# ମଶାକାମୁଡ଼ାର ତତ୍କାଳ ଉପଚାର

ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ । ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ । ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ । ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ । ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା ।

ଆପଲ୍ ? ସାଇଡର ଭିନେଗାର ଏକ ଭଲ ପ୍ରଦାହ ବିରୋଧୀ ରୂପେ କାମ କରେ । ତୁଳାକୁ ଏହି ଭିନେଗାରରେ ଭିଜାଇ ମଶା କାମୁଡ଼ିଥିବା ସ୍ଥାନରେ ଲଗାଇଦେଲେ ମଶାକାମୁଡ଼ା ଜନିତ କୁଣ୍ଡାଇ



ହେବା ଓ ଚର୍ମଫୁଲାରୁ ଆରାମ ମିଳିଥାଏ ।

ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି । ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇଦେଇଥାଏ । ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇହେବାରୁ ତୁରନ୍ତ ଉପଶମ ଆଣିଥାଏ ।

ମଶା କାମୁଡ଼ାର ପ୍ରଭାବ କମାଇବା ଦିଗରେ ଖାଇବା ସୋଡ଼ା ମଧ ଏକ ଅବ୍ୟର୍ଥ ଘରୋଇ ଉପଚାର । ଅଳ୍ପ ଖାଇବା ସୋଡ଼ାରେ ଚାରି ପାଞ୍ଚ ଠୋପା ପାଣି ମିଶାଇ ଏକ ମଲମ ପ୍ରସ୍ତୁତ କରନ୍ତୁ । ତାହାକୁ ମଶାକାମୁଡ଼ା ସ୍ଥାନରେ ଲଗାଇ ୧୦ରୁ ୧୫ ମିନିଟ୍ ପରେ ତାହାକୁ ଧୋଇଦେଲେ ଆଉ କିଛି ଜଳାପୋଡ଼ା ଦୂର ହୋଇଯାଏ । ଘିକୁଆଁରୀ ବା ଆଲୋଭେରା ମଧ ଏଥି ପାଇଁ ଏକ ଅମୋଘ ଅସ୍ତ୍ର ।

ଆଲୋଭେରା ପତ୍ରକୁ ଭାଙ୍ଗି ତାହାର ବହଳ ରସକୁ ମଶାକାମୁଡ଼ା ସ୍ଥାନରେ ଲଗାଇଲେ ତତ୍କାଳ ଆରାମ ମିଳିଥାଏ ।

ତୁଳସୀପତ୍ର ରସକୁ ମଶା କାମୁଡ଼ା ସ୍ଥାନରେ ଲଗାଇଲେ ତାହାର ପ୍ରଦାହବିରୋଧୀ ଗୁଣ କୁଣ୍ଡାଇହେବାକୁ କମାଇଦେବା ସହ ଚର୍ମ ଫୁଲିବାକୁ ମଧ ଦେବନାହିଁ । ସେହିପରି ରସୁଣର ଉଭୟ ପ୍ରଦାହ ବିରୋଧୀ ଓ କବକବିରୋଧୀ (ଆଣ୍ଟିଫଙ୍ଗାଲ) ଗୁଣ ରହିଛି । କିଛି ରସୁଣ ପାଖୁଡ଼ାକୁ ବାଟି ମଲମ ସଦୃଶ ମଶାକାମୁଡ଼ା ସ୍ଥାନରେ ମାରିଲେ ତୁରନ୍ତ ଉପଶମ ମିଳିପାରିବ ।

# ଅଧିକ ରାତି ପର୍ଯ୍ୟନ୍ତ ମୋବାଇଲ, ଲାପଟପ ବ୍ୟବହାର ହୋଇପାରେ ବିପଦ: ବଢିପାରେ ଏହି ସମସ୍ୟା



ଅନେକ ବିବାହିତ ପୁରୁଷ ସେମାନଙ୍କର ଦାମ୍ପତ୍ୟ ଜୀବନରେ ଖୁସି ନୁହଁନ୍ତି କାରଣ ଅଳ୍ପ ବୟସରେ ସେମାନେ ଶକ୍ତିହୀନତାର ଶିକାର ହୁଅନ୍ତି, ଯେଉଁଥିପାଇଁ ସେମାନଙ୍କୁ ପିତା ହେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ଏପରି ପରିସ୍ଥିତିରେ, ସେମାନେ ତୁରନ୍ତ କିଛି ଅଭ୍ୟାସକୁ ପରିବର୍ତ୍ତନ କରିବା ଉଚିତ ଯାହା ସେମାନଙ୍କର ଫର୍ଟିଲିଟିକୁ କ୍ଷତି ପହଞ୍ଚାଉଛି । ଅଧିକାଂଶ ପୁରୁଷଙ୍କ ପାଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ୍ ଫୋନ୍ ଏବଂ ଲାପଟପ୍ ବ୍ୟବହାର କରିବାର ଅଭ୍ୟାସ ଅଛି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏକ ଗବେଷଣାରୁ ଏହା ପ୍ରକାଶ ପାଇଛି ଯେ ଏହି ଗ୍ୟାଜେଟରୁ ବାହାରୁଥିବା ନୀଳ ଆଲୋକ ପୁରୁଷମାନଙ୍କର ଶୁକ୍ରାଣୁ ଗୁଣକୁ କ୍ଷତି ପହଞ୍ଚାଉଛି । ଏହି ଅଧ୍ୟୟନ ଆମେରିକାର ଏକ ପତ୍ରିକାରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ୨୧ ରୁ ୫୯ ବର୍ଷ ବୟସର ୧୧୬ ପୁରୁଷଙ୍କ ଶୁକ୍ରାଣୁ ନମୁନା ନିଆଯାଇଥିଲା, ସେମାନଙ୍କୁ ଶୋଇବା ସମୟ ଏବଂ ମୋବାଇଲ୍, ଲାପଟପ୍ ର ବ୍ୟବହାର ବିଷୟରେ ପଚରାଯାଇଥିଲା । ଏହି ଅନୁସନ୍ଧାନରେ ଏହା ପ୍ରକାଶ ପାଇଲା ଯେ ରାତିରେ ଏହି ଇଲେକ୍ଟ୍ରୋନିକ୍ ଗ୍ୟାଜେଟରୁ ବାହାରୁଥିବା ନୀଳ ଆଲୋକ ଶୁକ୍ରାଣୁ ଗୁଣର ଅବନତି ସହିତ ଜଡିତ । ଫୋନର ବିକିରଣ ପୁରୁଷ ପ୍ରଜନନ ଉପରେ ଖରାପ ପ୍ରଭାବ ପକାଇଥାଏ । ଶୋଇବା ସମୟରେ ଏହି ଜିନିଷଗୁଡ଼ିକୁ ଯଥାସମ୍ଭବ ବ୍ୟବହାର କରିବା ଭଲ ହେବାର ଏହି କାରଣ । ଏହି ଅନୁସନ୍ଧାନରେ ଏହା ଜଣାପଡିଛି ଯେ ଶରୀର ସହିତ ମୋବାଇଲ ଏବଂ ଲାପଟପରୁ ସ୍ୱଳ୍ପ ତରଙ୍ଗଦ ଦୈର୍ଘ୍ୟର ଆଲୋକ ଯେତେ ଅଧିକ ସଂସ୍ପର୍ଶରେ ଆସେ, ଇମୋଟାଇଲ ଶୁକ୍ରାଣୁର ପରିମାଣ ବଢିଯାଏ । ଉତ୍ତମ ଶୁକ୍ରାଣୁ ଗଣନା ଭଲ ଏବଂ ଠିକ୍ ସମୟରେ ଶୋଇବା ସହିତ ସିଧାସଳଖ ଜଡିତ ଥିବା ଜଣାପଡିଛି । ଏହାର ଅର୍ଥ ହେଉଛି, ଯେଉଁ ପୁରୁଷମାନେ ଠିକ୍ ସମୟରେ ଶୋଇଥା’ନ୍ତି ଏବଂ ରାତିରେ ଇଲେକ୍ଟ୍ରୋନିକ୍ ଗ୍ୟାଜେଟର ବ୍ୟବହାରକୁ ହ୍ରାସ କରନ୍ତି, ସେମାନଙ୍କର ଉତ୍ତମ ଫର୍ଟିଲିଟି ଅଧିକ ଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସାଧାରଣ ଜନତାଙ୍କ ମଧରେ ପୁରୁଷଙ୍କ ଶକ୍ତିହୀନତା ହାର ୨୦ ରୁ ୪୦ ପ୍ରତିଶତ ମଧରେ ରହିଛି ।

# ପେଟ ଖରାପ ଓ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ କଦଳୀ ଚୋପା

କଦଳୀ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଖୁବ ଉପକାରୀ । ମାତ୍ର ଏହାର ଚୋପା ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ । କଦଳୀ ଓ ଏହାର ଚୋପା ଉଭୟ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ ଉପକାର କରିଥାଏ । ସବୁଜ କଦଳୀ ପାଚନ ଜନିତ ସମସ୍ୟା ଦୂର କରିବା ପାଇଁ ଅଧିକ ପ୍ରଭାବଶାଳୀ । ଏହାସହ ପାଚିଲା କଦଳୀ ଶରୀରକୁ ଅନେକ ସଂକ୍ରମଣରୁ ରକ୍ଷା କରିଥାଏ । କଦଳୀ ଚୋପାରୁ ସ୍ୱାସ୍ଥ୍ୟକର ଜଳଖିଆ ଓ ମିଠା ମଧ ପ୍ରସ୍ତୁତ କରି ହେବ । କଦଳୀର ଭିତର ଅଂଶ ନରମ ଓ ମିଠା ହୋଇଥାଏ । ମାତ୍ର କଦଳୀ ଚୋପାକୁ ସେବନ କରିବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଆବଶ୍ୟକ । କଦଳୀ ଚୋପାରେ କ୍ୟାଲୋରୀ, କାର୍ବୋହାଇଡ୍ରେଟ, ଶର୍କରା, ଫାଇବର, ପୋଟାସିୟମ, ପ୍ରୋଟିନ, ଭିଟାମିନ ଏ, କ୍ୟାଲସିୟମ ଓ ଆଇରନ ସମେତ ଅନେକ ପୋଷକ ତତ୍ତ୍ୱ ରହିଛି । ଏହାର ସେବନ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତତ୍ତ୍ୱ ମିଳିଥାଏ । ଏହା ଶରୀରକୁ ମଜଭୂତ କରିଥାଏ । କଦଳୀ ଚୋପାରେ ଥିବା ଏକ ପ୍ରକାର ପୋଷକ ତତ୍ତ୍ୱ ମାନସିକ ସୁସ୍ଥତା ବଜାୟ ରଖେ । ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ । ଶାନ୍ତି ଅନୁଭବ ହୋଇଥାଏ । ଚୋପାରେ ଥିବା ଭିଟାମିନ ବି୬ ଉତ୍ତମ ନିଦରେ ମଧ ସହାୟକ ହୋଇଥାଏ । ମସ୍ତିଷ୍କ ମଧ ସୁସ୍ଥ ରହିଥାଏ । କଦଳୀ ଚୋପାରେ ଫାଇବର ପ୍ରଚୁର ମାତ୍ରାରେ ରହିଛି । ପେଟ ଖରାପ ସମୟରେ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କଦଳୀ ଚୋପା ଖାଇବା ଖୁବ୍ ଉପକାରୀ ।



# ଦୈନନ୍ଦିନ ଜୀବନରେ ଏହା ପିଇବା ଦ୍ୱାରା ଜିନରେ ଆସିଥାଏ ପରିବର୍ତ୍ତନ



ଦୈନନ୍ଦିନ ଜୀବନରେ କେତେକ ଖାଦ୍ୟାଭାସ ଦ୍ୱାରା ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ନିୟମିତ ମଦ୍ୟପାନ କଲେ, ଏହା କୋଷରେ ଥିବା ଡିଏନ୍‌ଏ ସଂରଚନାକୁ ବିଶୃଙ୍ଖଳିତ କରେ । ଏହାଯୋଗୁ କର୍କଟ ରୋଗ ସୃଷ୍ଟି ହୋଇଥାଏ ବୋଲି ଗବେଷକ ସୂଚିତ କରିଛନ୍ତି । ସୁରାସାର ଜିନ୍‌ଗତ ସଂରଚନାକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ । ତେଣୁ ଜୀବନଶୈଳୀରେ ନିୟମିତ ମଦ୍ୟପାନ ନ କରିବା ଉଚିତ ବୋଲି ଗବେଷକ ସୂଚିତ କରିଛନ୍ତି । ଏହା ଶରୀରରେ ଏସିଟାଲଡିହାଇଡ୍ ପ୍ରସ୍ତୁତ କରେ । ଯାହାକି ଜିନ୍‌ରେ ପରିବର୍ତ୍ତନ ଆଣିଥାଏ । ଏହାର ପ୍ରଭାବରେ ଡିଏନ୍‌ଏ ସଂରଚନାରେ ପରିବର୍ତ୍ତନ ଆସିଥାଏ । ସୁରାସାର ଦ୍ୱାରା ସ୍ତନକର୍କଟ ଓ ପାଚକଯନ୍ତ୍ର କର୍କଟ ସମେତ ୭ ପ୍ରକାର କର୍କଟ ରୋଗ ସୃଷ୍ଟି ହୋଇଥାଏ । ସୁରାସାର ଆଲଡିହାଇଡ୍ ହଡାଇଡ୍ରୋଜେନେଜ୍ ଏଞ୍ଜାଇମ୍‌କୁ ନଷ୍ଟ କରିଥାଏ । ଫଳରେ ଏସିଟେଟ୍ ସୃଷ୍ଟି ହୋଇଥାଏ । ଏହି ଏଞ୍ଜାଇମ୍‌ର ଅଭାବରେ ଶରୀରରେ ଡିଏନ୍‌ଏ ସଂରଚନାରେ ବ୍ୟତିକ୍ରମ ଦେଖାଯାଇଥାଏ ବୋଲି ବ୍ରିଟେନ୍ କର୍କଟ ଗବେଷଣା ପରିଷଦ ପକ୍ଷରୁ କରାଯାଇଥିବା ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ସୁଖୀ କରାଉଛି ‘ସୁଖବିଜ୍ଞାନ’ ପାଠ୍ୟକ୍ରମ

ଇଂଲାଣ୍ଡର ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଏକ ଅଭିନବ ପାଠ୍ୟକ୍ରମ ଏବେ ଚର୍ଚ୍ଚାର ବିଷୟ ହୋଇଛି । ‘ସୁଖବିଜ୍ଞାନ’ ନାମକ ଏହି ପାଠ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସୁଖୀ ହେବାର ଶିକ୍ଷା ଦେଉଛି । ତତ୍କାଳ ସୁଖଲାଭ ପାଇଁ ଏଠାରେ କି ବ୍ୟବସ୍ଥା ରହିଛି ବୋଲି ଜାଣିବାକୁ ସମସ୍ତେ ଉତ୍ସୁକ । ବାସ୍ତବରେ ଏହି ପାଠ୍ୟକ୍ରମରେ ଜୀବନକୁ ପରିବର୍ତ୍ତନ କଲା ଭଳି କିଛି ନୂତନ ପଦ୍ଧତି କି ଆବିଷ୍କାର ନାହିଁ । ପୂର୍ବରୁ ସମସ୍ତେ ଜାଣିଥିବା ଏବଂ ବହୁଳ ଆଲୋଚିତ ହୋଇ ଆସୁଥିବା ପ୍ରକ୍ରିୟାଗୁଡ଼ିକ ହିଁ ଏହି ପାଠ୍ୟକ୍ରମର ଭିତ୍ତିଭୂମି । ସେଗୁଡ଼ିକ ମଧରେ ସାମାଜିକ ସଂଯୋଗ, ମନଯୋଗିତା, କୃତଜ୍ଞତା ଜ୍ଞାପନ, ଦୟାଶୀଳତା, ପ୍ରକୃତି କୋଳରେ ପରିଭ୍ରମଣ, ସୁଖନିଦ୍ରା, ସୀମିତ ସାମାଜିକ ଗଣମାଧମ ବ୍ୟବହାର ଆଦି ବିଷୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଉଛି । ସୂଚନାଯୋଗ୍ୟ, ଏପରି ୮୦ରୁ ଅଧିକ ମନସ୍ତାତ୍ତ୍ୱିକ ହସ୍ତକ୍ଷେପ ରହିଛି ଯାହା ଆମ ସୁଖକୁ ଅଳ୍ପ ବହୁତ ଉନ୍ନତ କରାଇବାରେ ସହାୟକ ହୋଇଥାଏ । ‘ସୁଖବିଜ୍ଞାନ’ ପାଠ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସୁଖୀ ହେବାର ଶିକ୍ଷା ଦେଉଛି । ଏଥିରେ ରହିଛି ସାମାଜିକ ସମ୍ପର୍କ, କୃତଜ୍ଞତା, ପ୍ରକୃତିରେ ଭ୍ରମଣ, ସୀମିତ ସାମାଜିକ ଗଣମାଧମ ବ୍ୟବହାର ଆଦି ବିଷୟ ସ୍ଥଳବିଶେଷରେ ଆମ ପାଇଁ କେଉଁ ଉପାଦାନଟି କାମ କରୁଛି, ତାହା ଜାଣିଗଲେ ଆଉ ସୁଖଲାଭ କରିବାର ସ୍ୱତନ୍ତ୍ର ଉପାୟ ଖୋଜିବା ଦରକାର ପଡ଼ିବନି । ଏକ ଅନୁଧ୍ୟାନ ଅନୁଯାୟୀ,



ବିଶେଷ କରି ଆମେରିକା ଓ ୟୁନାଇଟେଡ୍ କିଙ୍ଗଡମରେ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ଅଧିକ ମାତ୍ରାରେ ଦୁଃଖୀ ରହୁଥିବା ଜଣାଯାଇଛି । ତାହାକୁ ଦୃଷ୍ଟିରେ ରଖି ୨୦୧୯ ମସିହାରୁ ଏଭଳି ପାଠ୍ୟକ୍ରମର ପରିକଳ୍ପନା କରାଯାଇଥିଲା ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ପାଠ୍ୟକ୍ରମରେ ଆଶାୟୀ ବିଦ୍ୟାର୍ଥୀମାନଙ୍କୁ ସକାରାତ୍ମକ ମନୋବିଜ୍ଞାନ ଉପରେ ଶିକ୍ଷାଦାନ କରାଯାଇଥାଏ ଏବଂ ସେମାନଙ୍କୁ ତାହା ଅଭ୍ୟାସ କରିବା ପାଇଁ ମଧ ସୁଯୋଗ ଦିଆଯାଇଥାଏ । ଏହି ପାଠ୍ୟକ୍ରମ ଦିନକୁ ଦିନ ଅଧିକ ଲୋକପ୍ରିୟ ହେବା ସହ ପ୍ରତିବର୍ଷ ୧୦ରୁ ୧୫ ପ୍ରତିଶତ ଅଧିକ ଛାତ୍ରଛାତ୍ରୀ ଏଥିରେ ନାମ ଲେଖାଉଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନାଗରିକଙ୍କ ସୁରକ୍ଷା...

ଏକ ଦେଶର ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ନିମନ୍ତେ ଆଇନମାନ ପ୍ରଣୟନ କରାଯାଇଥାଏ ଏବଂ ସେଥିରେ ନାଗରିକମାନଙ୍କ ସୁରକ୍ଷାକୁ ସର୍ବାଗ୍ରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । କିନ୍ତୁ ଏଥିପାଇଁ ସେହି ଆଇନର ସଦୁପଯୋଗ କରାଯିବା ସର୍ବାଦୌ ଜରୁରୀ । ଦିଲ୍ଲୀ ଅବକାରୀ ନୀତି ମାମଲାରେ ଏହା କେତେଦୂର ସମ୍ଭବପର ହୋଇଛି, ତାହା ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଧୀରେ ଧୀରେ ତର୍ଜମା କରି ଦେଖାଯାଉଛି ଏବଂ ଏହି ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ସେହି ଅନୁସାରେ ବ୍ୟବହାର ପ୍ରଦର୍ଶନ କରାଯାଉଛି। ସୂଚନାଯୋଗ୍ୟ ଯେ ଉପରୋକ୍ତ ମାମଲାରେ ବର୍ତ୍ତମାନ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ନେତା ଅରବିନ୍ଦ କେଜ୍ରିୱାଲ ଜେଲ୍‌ରେ ଅଛନ୍ତି। ତେବେ ନିକଟରେ ଏହି ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଆପ୍ ନେତା ତଥା ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂହଙ୍କୁ ସୁପ୍ରିମ୍‌କୋର୍ଟରୁ ଜାମିନ ମିଳିଛି, କାରଣ ତାଙ୍କୁ ଗିରଫ କରିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ବିରୁଦ୍ଧରେ କୌଣସି ବସ୍ତୁଗତ ପ୍ରମାଣ ସଂଗ୍ରହ କରିବାରେ ସକ୍ଷମ ହୋଇନାହିଁ । ଶ୍ରୀଯୁକ୍ତ ସିଂହଙ୍କୁ ଏହି ଜାମିନ ମିଳିବା ପୁଣିଥରେ ଦର୍ଶାଇଛି ଯେ ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏସ୍‌ଏଲ୍),୨୦୦୨ରେ ରହିଥିବା ମଧ୍ୟଯୁଗୀୟ ବ୍ୟବସ୍ଥାଗୁଡ଼ିକୁ ପୁନର୍ବାର ସମୀକ୍ଷା କରି ଦେଖିବାର ସମୟ ଉପନୀତ, ଯେହେତୁ ଏହି ଆଇନର ବ୍ୟବସ୍ଥାଗୁଡ଼ିକ ଏହା ବଳରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଜାମିନ ପାଇବାକୁ ଏକ ପ୍ରକାରର ଅସମ୍ଭବ କାର୍ଯ୍ୟ କରି ଦେଉଛି । ଏହି ଆଇନ ଆତଙ୍କବାଦୀ କାର୍ଯ୍ୟକଳାପଗୁଡ଼ିକୁ ପାଣ୍ଠି ଯୋଗାଉ ଥିବା ବେଆଇନ ଅର୍ଥ ବା କଳାଧନର କାରବାରକୁ ରୋକିବା ନିମନ୍ତେ ବୈଶ୍ୱିକ ଉଦ୍ୟମର ଏକ ଅଂଶ ଭାବରେ ପ୍ରଣୟନ କରାଯାଇଥିଲା । ସେଥିପାଇଁ ଏହି ଆଇନରେ କଠୋର ବ୍ୟବସ୍ଥାମାନ କରାଯାଇଥିଲା। ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଅପରାଧିକ ନ୍ୟାୟକୁ ପରିଚାଳନା କରିବା ନିମନ୍ତେ ଯେଉଁ ମୌଳିକ ପ୍ରସ୍ତାବନାଟି ରହିଥାଏ- ଜଣେ ଯେ ପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ନିରପରାଧ ଭାବରେ ପରିଗଣିତ ହେବା- ତାକୁ ଏହି ଆଇନ ପ୍ରଣୟନ କରାଯିବା ସମୟରେ ବାଦ୍ ଦିଆଯାଇଥିଲା ଏବଂ ସେହି କାର୍ଯ୍ୟକୁ, ଅର୍ଥାତ୍ ନିଜକୁ ନିରପରାଧ ସାବ୍ୟସ୍ତ କରିବାର ଦାୟିତ୍ୱକୁ ଅଭିଯୁକ୍ତଙ୍କ ଉପରେ ଛାଡ଼ି ଦିଆଯାଇଥିଲା, ଏଇଥିପାଇଁ ଯେ ମୁକ୍ତ ହେବାକୁ ହେଲେ ତାଙ୍କୁ କୋର୍ଟଙ୍କୁ ଅବଗତ କରାଇବାକୁ ପଡ଼ିବ ସେ ନିରପରାଧ ବୋଲି। ଏହି ଆଇନର ପ୍ରଣୟନକାରୀମାନେ, ଯେଉଁମାନେ ଏହା ବଳରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଜାମିନ ପାଇବାକୁ ଅତ୍ୟନ୍ତ କଷ୍ଟକର କରିଛନ୍ତି, ସେମାନେ ମଧ୍ୟ ସମାନ ଭାବରେ ପିଏସ୍‌ଏଲ୍ ବଳରେ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବାର କାର୍ଯ୍ୟକୁ ଅତ୍ୟନ୍ତ କଷ୍ଟକର କରିଛନ୍ତି। ଏହି ଆଇନର ଧାରା ୧୯ ଉଲ୍ଲେଖ କରେ ଯେ ଜଣେ ଅଧିକାରୀ ଜଣେ ବ୍ୟକ୍ତିଙ୍କୁ 'ତାଙ୍କ ଅଧିକାରରେ ଥିବା ସାମଗ୍ରୀଗୁଡ଼ିକ ଆଧାରରେ' ଗିରଫ କରି ପାରିବେ, ଯାହା ସନ୍ଦେହ କରିବା ନିମନ୍ତେ ଯୁକ୍ତିଯୁକ୍ତ ଆଧାର ପ୍ରଦାନ କରୁଥିବ ଯେ ସେହି ବ୍ୟକ୍ତି ଏକ ଅପରାଧ କରିଛନ୍ତି । ବ୍ୟକ୍ତିବିଶେଷଙ୍କ ଅଧିକାରରେ କୌଣସି ପ୍ରକାରର ସାମଗ୍ରୀ ନଥାଇ ଗିରଫ କରାଯାଉଛି ଏବଂ ଲୋକମାନଙ୍କୁ ଜେଲ୍‌ରେ ମାସ ପରେ ମାସ, ବର୍ଷ ପରେ ବର୍ଷ ସଢ଼ିବାକୁ ଛାଡ଼ି ଦିଆଯାଉଛି । ଆପ୍ ନେତାଙ୍କୁ ଜାମିନ ମଞ୍ଜୁର କରିବା ପୂର୍ବରୁ ବସ୍ତୁତଃ ସୁପ୍ରିମ୍‌କୋର୍ଟ ଇଡିଙ୍କ ସମ୍ମୁଖରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଏହି ସଂସ୍ଥା ଯେଉଁ ଅର୍ଥର ପ୍ରସଙ୍ଗ ଉଠାଇ ଅଭିଯୋଗ ଆଣିଛି ଏବଂ ପରିସ୍ଥିତିରେ ପରିବର୍ତ୍ତନ କରିଥିବା କଥା କହିଛି, ତାକୁ ଏହା ପୁନରୁଦ୍ଧାର କରିବା କି ଏହାର ମୂଳ ଉତ୍ସକୁ ନିରୂପଣ କରିବାକୁ ସକ୍ଷମ ହୋଇନାହିଁ । କୋର୍ଟ ଆହୁରି ମଧ୍ୟ ସେହି ସନ୍ଦେହାସ୍ପଦ ଉପାୟକୁ ଦର୍ଶାଇଛନ୍ତି, ଯେଉଁଥିରେ ଇଡି ଉପରୋକ୍ତ ରାଜନେତାଙ୍କ ନାମ ନେଇଥିବା ଜଣେ ଅନୁମୋଦନକାରୀଙ୍କ ବିବୃତିକୁ ବାହାର କରିଛନ୍ତି। କହିବା ବାହୁଲ୍ୟ, ଯେଉଁ ବ୍ୟକ୍ତିମାନେ ଆଇନର ପଦ୍ଧତିଗୁଡ଼ିକର ପରିଚାଳନା କରୁଛନ୍ତି, ସେମାନେ ଆଇନର ସର୍ବାଧିକ ଦୃଢ଼ ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରିବା ଉଚିତ, କିନ୍ତୁ ଏଭଳି ଦୃଢ଼ ନିଷ୍ପତ୍ତି କ୍ଷମତାରେ ଥିବା ସରକାରଙ୍କୁ କୌଣସି ପ୍ରକାରେ କ୍ଷମା ପ୍ରଦାନ କରି ନଥାଏ ବିରୋଧୀ ଶିବିରର ରାଜନେତାମାନଙ୍କୁ ହରଡ଼ଘଣାରେ ପକାଇବା ନିମନ୍ତେ। ଅପ୍ରମାଣିତ ଅଭିଯୋଗଗୁଡ଼ିକ ଆଧାରରେ ଯେଉଁ ବ୍ୟକ୍ତିମାନେ ଜେଲ୍‌ରେ ପଡ଼ି ରହିଛନ୍ତି, ସେମାନଙ୍କର ଉଦାହରଣଗୁଡ଼ିକ ଆଇନର ଅପବ୍ୟବହାର ହୋଇଥିବା ସମ୍ପର୍କରେ ଇଡିର ତଥା ସରକାରଙ୍କର ଆଖି ଖୋଲିଦେବା ଉଚିତ ଯେ ଏହି ଆଇନ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରଣୟନ କରା ଯାଇଥିଲା । ପିଏସ୍‌ଏଲ୍ସ ଅଧୀନରେ ରହିଥିବା ମାମଲାଗୁଡ଼ିକ ଉପରେ ନ୍ୟାୟପାଳିକା ତୀକ୍ଷ୍ଣ ନଜର ରଖିବା ଉଚିତ, ଯେହେତୁ ଏହି ଆଇନକୁ ଉପଯୋଗ କରିବା ନିମନ୍ତେ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ସଂସ୍ଥା ସମ୍ବିଧାନର ଧାରା ୨୧ ଅନୁସାରେ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ସ୍ୱାଧୀନତା ରୂପକ ମୌଳିକ ଅଧିକାରକୁ ହନନ କରିବା ନିମନ୍ତେ ଉପରୋକ୍ତ ଆଇନର ଧାରା ୪୫କୁ ଯଥେଚ୍ଛାଚାର ଭାବରେ ବ୍ୟବହାର କରୁଛି। ଏହା ସ୍ମରଣ କରାଇ ଦିଆଯାଇପାରେ ଯେ ଜାମିନ ମଞ୍ଜୁର କରିବା ନିମନ୍ତେ ଧାରା ୪୫ ଅଧୀନରେ ରହିଥିବା ଦୁଇଗୋଟି ସର୍ତ୍ତକୁ ସୁପ୍ରିମ୍‌କୋର୍ଟ ଖାରଜ କରି ଦେଇଥିଲେ, କିନ୍ତୁ ସରକାର ଆଇନକୁ ଚତୁରତାର ସହିତ ପରିଭାଷିତ କରି ସେହି ସର୍ତ୍ତଗୁଡ଼ିକର ପୁନରୁଦ୍ଧାର କରିଥିଲେ । କୋର୍ଟମାନେ କ୍ଷମତାରେ ଥିବା ସରକାରଙ୍କ ଆଜ୍ଞାବହ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବା ପରିବର୍ତ୍ତେ ସଂସ୍ଥାଗୁଡ଼ିକ ଅପରାଧର ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟକାରୀ କରିବା ବେଳେ ପେସାଦାର ଢଙ୍ଗରେ ସମ୍ପନ୍ନ କରିବା ଉଚିତ ବୋଲି ଆଇନ ପ୍ରଣୟନକାରୀ ସଂସ୍ଥାମାନଙ୍କୁ କହିବା ଉଚିତ।

## ଦ୍ୱିତୀୟ ବୃନ୍ଦାବନ ଗାର୍ଡେନ

ଅଧ୍ୟାପକ ଗୋପବନ୍ଧୁ



ଅନେକେ କର୍ଣ୍ଣାଟକରେ ଥିବା ବୃନ୍ଦାବନ ଗାର୍ଡେନକୁ ଯାଇଥିବେ ଅଥବା ଏହା ସମ୍ବନ୍ଧରେ ଶୁଣିଥିବେ। ଯିଏ ଥରେ ଯାଇଛି ସେ କେବେ ଏହାର ମନୋରମ ପରିବେଶକୁ ଭୁଲିପାରିବ ନାହିଁ। ଏହା ମହୀଶୂର ନଗରୀଠାରୁ ୧୨ କିମି ଦୂରରେ କ୍ରିଷ୍ଣରାଜ ସାଗର ଡ୍ୟାମ ତଳେ ଅବସ୍ଥିତ। ଏହି ଡ୍ୟାମ ଦକ୍ଷିଣର ପ୍ରସିଦ୍ଧ ନଦୀ କାବେରୀ ଉପରେ ନିର୍ମିତ। ଠିକ ଡେମ ତଳେ ୬୦ ଏକର ଜମି ଉପରେ ଏହି ବଗିଚା ନିର୍ମିତ ହୋଇଛି। ରଙ୍ଗ ବେରଙ୍ଗର ପୁଷ୍ପ ସମ୍ଭାର ସହିତ ରଙ୍ଗିନ ଆଲୋକ ପ୍ରତିଫଳିତ ଜଳ ଉତକ୍ଷେପଣ ଅତ୍ୟନ୍ତ ଆକର୍ଷଣୀୟ। ସମଗ୍ର ଭାରତବର୍ଷରେ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ପରିଭ୍ରମଣରେ ଆସନ୍ତି। ଭିଡ଼ ଯୋଗୁଁ ବହୁଦୂରରେ ଗାଡ଼ି ରଖି ଆସିବାକୁ ପଡେ। ଏହା ଭିତରେ ଓ ବାହାରେ ଅନେକଗୁଡିଏ ହୋଟେଲ ଗଢ଼ିଉଠିଛି, ଯିବା ଆସିବା ପାଇଁ ହଜାର ହଜାର ଯାନବାହାନ ଚାଲିଛି, ସମସ୍ତ ପ୍ରକାର ଖାଦ୍ୟପେୟର ଦୋକାନ ସହିତ ମନୋରମ ସାମଗ୍ରୀର ଦୋକାନ ଭରପୁର। ଏହି ଗାର୍ଡେନ ଯୋଗୁଁ ଲକ୍ଷାଧିକ ଲୋକ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କର୍ମନିଯୁକ୍ତି ପାଇଛନ୍ତି। ଏହା କର୍ଣ୍ଣାଟକର ପର୍ଯ୍ୟଟନ ମାନଚିତ୍ରକୁ ଋଦ୍ଧିମନ୍ତ କରିଛି।

ମୁଁ ଏଠାରେ ଦ୍ୱିତୀୟ ବୃନ୍ଦାବନ ଗାର୍ଡେନ ସମ୍ବନ୍ଧରେ ଆଲୋଚନା କରିବାକୁ ଚାହୁଁଛି। ଏହା ଏବେ ନାହିଁ, କିନ୍ତୁ ହେବାର ଭୌଗଳିକ ପରିବେଶ ରହିଛି। ଏ ଦିଗରେ ଚେଷ୍ଟା କଲେ ଓଡିଶାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଦେଉଳି ନିକଟସ୍ଥ ଜମ୍ବିରା ଡେମରେ ଏହା ହୋଇପାରିବ। ନାମ ପରିବର୍ତ୍ତନ ହୋଇପାରେ, କିନ୍ତୁ ବୃନ୍ଦାବନ ଗାର୍ଡେନ ତୁଲ୍ୟ ଏକ ସୁନ୍ଦର ଓ ମନୋରମ ବଗିଚା ଏଠାରେ ନିର୍ମାଣ କରାଯାଇ ପାରିବ। ପ୍ରକାଶ ଥାଉକି ଏହା ଜମ୍ବିରା ନଦୀ ଉପରେ ନିର୍ମିତ। ଏହା ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପର ଅନ୍ତର୍ଗତ ଅଟେ। ଯେଉଁଥିରେ ସୁବର୍ଣ୍ଣରେଖା ନଦୀରୁ ପାଣି ଆଣି ଜମ୍ବିରା ଜଳ ଭଣ୍ଡାରରେ ପକାଯିବ। ଏହି ଜଳକୁ ମୁଖ୍ୟତଃ ଚାଷ ଉଦ୍ଦେଶ୍ୟରେ ଜଳସେଚନ ପାଇଁ ବ୍ୟବହାର କରାଯିବ। ଏହା ମାଟି ତିଆରି ବନ୍ଧ। ଲମ୍ବ ହେଉଛି ୭.୫ କିମି ଓ ଉଚ୍ଚତା ହେଉଛି ୩୦.୫ ମିଟର। ଏବେ ଉଚ୍ଚତା ବଢାଯାଇଛି। ଏହାର ଏକ ବିଶାଳ ଜଳ ଧାରଣ ଅଞ୍ଚଳ ରହିଛି। ଏହା ଏକ ବୃହତ ଜଳ ଅମଳ ପ୍ରକଳ୍ପ।

ଏ ସ୍ଥାନ ବାରିପଦାଠାରୁ ମାତ୍ର ୧୦ କିମି ଦୂର, ପଶ୍ଚିମବଙ୍ଗ ସୀମାକୁ ୬ କିମି ଦୂର ଓ ଝାଡଖଣ୍ଡ ସୀମାକୁ ୨୦ କିମି ଦୂର। ଏହା ଏକପ୍ରକାର ତିନି ରାଜ୍ୟର ମିଳନ ସ୍ଥଳରେ ଅବସ୍ଥିତ। ଏହାର ୩୦ କିମି ପରିଧିରେ ଅନେକ ଜନବସତି ଓ ଛୋଟ ସହରମାନ ରହିଛି। ପଶ୍ଚିମବଙ୍ଗର ଲୋକମାନେ ଭ୍ରମଣ ପ୍ରିୟ। ସଂଖ୍ୟାଧିକଭାବେ ବେଙ୍ଗଲୀ ପର୍ଯ୍ୟଟକ ଏଠାରେ ଭିଡ଼ ଜମାଇବା ସ୍ୱଭାବିକ ହେବ। ମୟୂରଭଞ୍ଜର ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସ୍ଥଳଭାବେ ବିବେଚିତ ହୋଇଆସିଛି। ଯେଉଁମାନେ ଶିମିଳିପାଳ ବୁଲିବାକୁ ଆସିବେ ସେମାନେ ଏଠାକୁ ନିଶ୍ଚୟ ଆସିବାକୁ ମନ କରିବେ। ସମଗ୍ର ଓଡିଶା ପାଇଁ ଏହା ଆକର୍ଷଣର କ୍ଷେତ୍ର ରହିବ। ତଦ୍ରୁପଭାବେ ଝାଡଖଣ୍ଡର ଲୋକମାନେ ମଧ ବହୁ ସଂଖ୍ୟାରେ ଆକର୍ଷିତ ହେବେ। ଏହା ଏପରି ଏକ ସ୍ଥାନ ଯେଉଁଠାରେ ପର୍ଯ୍ୟଟନ କେନ୍ଦ୍ରର ଦୃଢ ଭିତ୍ତିଭୂମି ତିଆରି କରାଯାଇ ପାରିବ।

ଏହି ବନ୍ଧ ତଳେ ବିସ୍ତିର୍ଣ୍ଣ ସମତଳ ଜାଗା ରହିଛି। କିଛି ସରକାରୀ ଜାଗା ଓ କିଛି ବ୍ୟକ୍ତିଗତ ମାଲିକାନାର ଜାଗା ରହିଛି। ମିଳିତ ଉଦ୍ୟମରେ ଏହାର ବିକାଶ ହୋଇପାରିବ। ବୃନ୍ଦାବନ ଗାର୍ଡେନ ତୁଲ୍ୟ ଏଠାରେ ଏକ ସୁନ୍ଦର ଉଦ୍ୟାନ ନିର୍ମାଣ କରାଯାଇ ପାରିବ। ସେଠିକା ପରି ଜଳ ପ୍ରବାହ ସୃଷ୍ଟି କରି ଆଲୋକିତ ୱାଟର ସ୍ପ୍ରିଙ୍ଗ୍ ତିଆରି କରାଯାଇ ପାରିବ। ୱାଟରପାର୍କ ସହିତ ଶିଶୁ ଉଦ୍ୟାନ ମଧ୍ୟ ରଖାଯାଇ ପାରିବ। ଡେମ ଉପରକୁ ଯିବା ପାଇଁ ରୋପୱେ ବି ତିଆରି ହୋଇପାରିବ। ଏହା ସହିତ ଏହାକୁ ଏକ ପୂର୍ଣ୍ଣାଙ୍ଗ ଉଦ୍ୟାନର ରୂପ ଦିଆଯାଇ ପାରିବ। ଜଳ ଭଣ୍ଡାର ଭିତରେ ନୌକା ବିହାର ହୋଇପାରିବ। ଯନ୍ତ୍ରଚାଳିତ ବୋଟ ଯୋଗେ ପର୍ଯ୍ୟଟକମାନେ ଉପର ମୁଣ୍ଡରେ ଥିବା ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ମଝିରେ ଥିବା ଟାପୁଗୁଡିକୁ ବିକଶିତ କରି ରେସ୍ତୋରାଁ ସହିତ ରେଷ୍ଟସେଡ ବନାଯାଇ ପାରିବ। ପର୍ଯ୍ୟଟନର ପ୍ରସାର ହେଲେ ପର୍ଯ୍ୟାୟକ୍ରମେ ଆପେ ଅନେକ ହୋଟେଲ, ଦୋକାନ, ବଜାର ଖୋଲିଯିବ। ବିଭିନ୍ନ ପ୍ରକାର ବ୍ୟବସାୟ ଆରମ୍ଭ ହୋଇଯିବ।

ଜଳ ଭାଣ୍ଡରର ଗୋଟିଏ ପାର୍ଶ୍ୱରେ ପକ୍ଷୀ ବିହାର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇ ପାରିବ। ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ସହାୟକ ହେବ। ଠିକ ଯେଉଁପରି ପାଖରେ ପଶ୍ଚିମବଙ୍ଗରେ ଏକ ଛୋଟ ଡେମକୁ ପକ୍ଷୀ ବିହାରରେ ପରିଣତ କରାଯାଇଛି। ଯାହାକୁ ପାକ୍ଷାଳୟ ନାମରେ ନାମିତ କରାଯାଇଛି। ସେଠାରେ ବୋଟିଂର ମଧ ବ୍ୟବସ୍ଥା ରହିଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସନ୍ତି। ବଣଭୋଜି ବି କରନ୍ତି। ସ୍ଥାନୀୟ ଯୁବକମାନେ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହାରି ମାଧ୍ୟମରେ କର୍ମନିଯୁକ୍ତି ନିଜେ ତିଆରି କରିଛନ୍ତି। ସେପଟେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ପଶ୍ଚିମବଙ୍ଗରେ ଦିଘା ଓ ଓଡିଶାରେ ଚାନ୍ଦିପୁର ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ।ଜମ୍ବିରା ଡେମକୁ ପର୍ଯ୍ୟଟନ କେନ୍ଦ୍ରଭାବେ ବିକଶିତ କଲେ, ଏହା ଭିନ୍ନ ପ୍ରକାରାର ସ୍ୱାଦ ଦେବ। ପ୍ରକୃତିକୁ ଭିନ୍ନ ରୂପରେ ଉପଭୋଗ କରିବାର ସୁଯୋଗ ମିଳିବ। ଏଠାରୁ ଶିମିଳିପାଳ ଅଭୟାରଣ୍ୟକୁ ଭ୍ରମଣ ପରିଚାଳନା କରାଯାଇ ପାରିବ।

ଜମ୍ବିରା ଡ୍ୟାମରେ ପର୍ଯ୍ୟଟନର ବିକାଶ ଜିଲ୍ଲା ତଥା ରାଜ୍ୟ ଅର୍ଥନୀତିକୁ ଚଳଚଞ୍ଚଳ କରିବ ଓ ଆର୍ଥିକ ସ୍ଥିତିକୁ ସୁଦୃଢ କରିବ। କର୍ମନିଯୁକ୍ତିର ଅନେକ ପ୍ରକାର ସମ୍ଭାବନା ତିଆରି କରିବ। ସ୍ଥାନୀୟ ବେକାର ଯୁବକ ଯୁବତୀମାନେ ରୋଜଗାରକ୍ଷମ ହେବେ। ଏହା କର୍ଣ୍ଣାଟକର ବୃନ୍ଦାବନ ଗାର୍ଡେନକୁ ଟକ୍କର ଦେଇପାରିବ। ହୁଏତ ସମୟ ଲାଗିପାରେ। ଏଦିଗରେ ସାମୁହିକ ଚିନ୍ତନର ଆବଶ୍ୟକତା ରହିଛି। ବିଶେଷକରି ସ୍ଥାନୀୟ ଲୋକପ୍ରତିନିଧି, ଜିଲ୍ଲା ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ସ୍ତରରେ ଏହା ଉପରେ ଆଲୋଚନା ହେବା ଉଚିତ। ଏଦିଗରେ ଜିଲ୍ଲାର ନାଗରିକ ସଂଘଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।




+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦


## ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ



ବିଶ୍ୱବିଜୟୀ ଦାଶ

ଓଡ଼ିଶାର ତତକାଳୀନ ଛବିଶ ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର-ପାଟଣା ସମୃଦ୍ଧଶାଳୀ ଦେଶୀୟ ରାଜ୍ୟ ରୂପେ ଖ୍ୟାତି ଅର୍ଜନ କରିଥିଲା।ଏହାର ଶେଷ ୩୩ତମ ଚୌହାନ ବଂଶୀୟ ରାଜା ଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ଦେଓ।ସେ ଥିଲେ ସ୍ୱାଭିମାନୀ ବ୍ୟକ୍ତିତ୍ୱ, ନିଷ୍କଳଙ୍କ ଚରିତ୍ର, ଆଦର୍ଶ ଓ ପ୍ରଜାନୁରଞ୍ଜନ ସୁଶାସକ, ମହାନୁଭବୀ, ଅଭିଜ୍ଞ, ଦୂରଦର୍ଶୀ ସମ୍ପନ୍ନ ବ୍ୟକ୍ତିତ୍ୱ, କଳା, ସାହିତ୍ୟ ଏବଂ ସଂସ୍କୃତିର ସତୀର୍ଥ ପୃଷ୍ଠପୋଷକ।

ରାଜେନ୍ଦ୍ର ନାରାୟଣ ସିଂହ ଦେଓ ୩୧ ମାର୍ଚ୍ଚ ୧୯୧୨ ମସିହାରେ ଷଢ଼େଇକଳା ରାଜବଂଶରେ ପିତା ଆଦିତ୍ୟ ପ୍ରସାଦ ସିଂହ ଓ ମାଆ ପଦ୍ମିନୀ କୁମାରୀଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ। ୧ ଜାନୁଆରୀ ୧୯୨୨ରେ ବଲାଙ୍ଗୀର-ପାଟଣାର ନିଃସନ୍ତାନ ରାଜା ପୃଥ୍ୱୀରାଜ ସିଂହଦେଓ ତାଙ୍କୁ ପାଳିତ ପୁତ୍ର ଭାବେ ଗ୍ରହଣ କରିଥିଲେ । ଆଜମେରର ମେୟ ମହାବିଦ୍ୟାଳୟରୁ ଶିକ୍ଷାଲାଭ କରିବା ପରେ ହଜାରିବାଗ ଓ ମୁଙ୍ଗେରରେ ରାଜ କାର୍ଯ୍ୟ ପରିଚାଳନା ସମ୍ବନ୍ଧୀୟ ଶିକ୍ଷାପ୍ରାପ୍ତି କରିଥିଲେ।୨୦ ବର୍ଷ ବୟସରେ ପାତିଆଲା ମହାରାଜଙ୍କର କନ୍ୟା କୈଳାସ କୁମାରୀଙ୍କୁ ବିବାହ କରିଥିଲେ।ରାଜେନ୍ଦ୍ର ନାରାୟଣ ୩ ଫେବୃଆରୀ ୧୯୩୩ ମସିହାରୁ ରାଜ୍ୟଭାର ଗ୍ରହଣ କରିଥିଲେ।ରାଜେନ୍ଦ୍ର ନାରାୟଣ ୩ ଫେବୃଆରୀ ୧୯୩୩ ମସିହାରୁ ରାଜ୍ୟଭାର ଗ୍ରହଣ କରିଥିଲେ ।

ରାଜା ହେବା ପରେ ତାଙ୍କର ମୁଖ୍ୟ କାମ ରାଜ୍ୟର ସମସ୍ତ ଜମିର ବନ୍ଦୋବସ୍ତ, ଶିକ୍ଷାର ଉନ୍ନତି ପାଇଁ ଗୁରୁତ୍ୱପ୍ରଦାନ ଓ ଅନେକ ପ୍ରାଥମିକ ଓ ମଧ ଇଂରାଜୀ ବିଦ୍ୟାଳୟ ସ୍ଥାପନ। ଟିଟିଲାଗଡ଼ ଉଚ୍ଚ ବିଦ୍ୟାଳୟ ଓ ୧୯୪୪ରେ ବଲାଙ୍ଗୀର ମହାବିଦ୍ୟାଳୟ ଯାହା ପରବର୍ତ୍ତୀ କାଳରେ ରାଜେନ୍ଦ୍ର କଲେଜ ନାମରେ ପରିଚିତ ହୋଇଛି ସେ ଗୁଡ଼ିକ ତାଙ୍କରି ପ୍ରଚେଷ୍ଟା ପ୍ରସୂତ।

୧୯୪୬ରେ ବଲାଙ୍ଗୀରରେ ଶିକ୍ଷକ ତାଲିମ କେନ୍ଦ୍ର ସ୍ଥାପନ।ମେଧାବୀ ଛାତ୍ର ଓ ହରିଜନ ଛାତ୍ରମାନଙ୍କୁ ସ୍ୱତନ୍ତ୍ର ବୃତ୍ତି ପ୍ରଦାନ।ଅନାଥ ପିଲାମାନଙ୍କର ସମସ୍ତ ଶିକ୍ଷାଭାର ବହନ କରିବା ସହିତ 'ଅନ୍ନପୂର୍ଣ୍ଣା ଅନାଥାଶ୍ରମ' ଗଠନ କରିଥିଲେ।ସବର୍ଣ୍ଣ ଅସବର୍ଣ୍ଣର ଭେଦଭାବ ଦୂର କରିବାପାଇଁ ସେ ଗୋଟିଏ ସ୍କୁଲରେ ସବୁ ଜାତିର ପିଲା ପଢ଼ିବେ ବୋଲି ରାଜାଦେଶ ଜାରି କରିବା ସହିତ ହରିଜନ ପିଲାମାନଙ୍କୁ ଉଚ୍ଚ ଜାତିର ସାଙ୍ଗିଆ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ।

କଳା ଓ ସଂସ୍କୃତି ର ଅଭିବୃଦ୍ଧି ପାଇଁ 'କୋଶଳ କଳାମଣ୍ଡଳ' ନାମକ ସଂସ୍ଥା ଗଠନ କରିଥିଲେ।'ଚତୁରଙ୍ଗ' ନାମକ ସାହିତ୍ୟ ପତ୍ରିକା ତାଙ୍କରି ପ୍ରଚ୍ଛନ୍ନ ଅନୁଦାନରୁ କଳାମଣ୍ଡଳର ମୁଖପତ୍ର ରୂପେ ପ୍ରକାଶ ପାଇଥିଲା।ଏହା ଛଡା ସେ 'ଘୋଷଣା' ନାମକ ପତ୍ରିକା ରାଜ ଦରବାର ତରଫରୁ ପ୍ରକାଶ କରିଥିଲେ।ତାଙ୍କ ରାଜ ଉଆସ ଭିତରେଥିଲା ଏକ ସମୃଦ୍ଧ ପୁସ୍ତକାଳୟ, ଯେଉଁଥିରେ ଭାରତୀୟ ଓ ବିଦେଶୀ ଭାଷାର ଅନେକ ପୁସ୍ତକ ରହିଥିଲା।ତାଙ୍କ ଅନ୍ତେ ରାଜେନ୍ଦ୍ର କଲେଜର ପୁସ୍ତକାଳୟକୁ ଏହି ପୁସ୍ତକଗୁଡ଼ିକ ପ୍ରଦାନ କରାଯାଇଥିଲା । ଏଥିରୁ ସ୍ପଷ୍ଟ ଭାବେ ଜଣାଯାଏ ଯେ, ମହାରାଜା ଙ୍କର ସାହିତ୍ୟ ପ୍ରତି ଥିଲା ଅସୀମ ଦୁର୍ବଳତା ଏବଂ ସେ ଥିଲେ ସାହିତ୍ୟ ପ୍ରେମୀ।

ପୁରାତନ ଐତିହ୍ୟର ସୁରକ୍ଷାପାଇଁ ସେ 'ପ୍ରତ୍ନତତ୍ତ୍ୱ ବିଭାଗ' ଓ 'ଐତିହାସିକ ଅନୁସନ୍ଧାନ ସୋସାଇଟି' ନାମକ ଦୁଇଟି ସଂସ୍ଥା ଗଠନ କରିଥିଲେ। କେଦାରନାଥ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ରଥଙ୍କ ପରି ଐତିହାସିକ ତାଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ।

ନାରୀମାନଙ୍କ ଭିତରେ ଜାଗରଣପାଇଁ ସେ ବଲାଙ୍ଗୀରରେ ଏକ ମହିଳାକ୍ଲବ ସ୍ଥାପନ କରିଥିଲେ। ନାରୀମାନଙ୍କ ପାଇଁ ଚିକିତ୍ସାକୁ ସହଜ ସୁଲଭ କରିବାପାଇଁ ସେ ମାତୃମଙ୍ଗଳ କେନ୍ଦ୍ର ସ୍ଥାପନ କରିଥିଲେ, ଯାହା ତାଙ୍କ ପତ୍ନି କୈଳାଶ କୁମାରୀ ଦେବୀ ଉଦ୍ଘାଟନ କରିଥିଲେ।ମହିଳାମାନଙ୍କୁ ପ୍ରତ୍ୟକ୍ଷ ରାଜନୀତିରେ ଅଂଶଗ୍ରହଣ କରିବାପାଇଁ ସେ ଅନୁପ୍ରେରିତ କରୁଥିଲେ।ତାଙ୍କଦ୍ୱାରା ପ୍ରଭାବିତ ହୋଇ ତାଙ୍କ ଭଉଣୀ ଢେଙ୍କାନାଳର ରାଣୀ ରତ୍ନପ୍ରଭା ଦେବୀ ଓ ତିଗିରିଆ ରାଜମାତା ରାସ ମଞ୍ଜରୀ ଦେବୀ ପ୍ରତ୍ୟକ୍ଷ ରାଜନୀତିରେ ଯୋଗ ଦେଇଥିଲେ।

ପ୍ରଜାମାନଙ୍କ ସ୍ୱାସ୍ଥ୍ୟର ସୁବିଧା ପାଇଁ ସେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିଥିଲେ। ବଲାଙ୍ଗୀର ଚିକିତ୍ସାକେନ୍ଦ୍ରରେ ପ୍ରଥମ କରି ରଞ୍ଜନ ରଶ୍ମୀ ସ୍ଥାପନ କରାଇଥିଲେ। ସ୍ୱାଧୀନତା ପରେ ଏହା କଟକକୁ ସ୍ଥାନାନ୍ତରିତ ହୋଇ ଯାଇଥିଲା । ସେଠାରେ ଅଭିଜ୍ଞ ଚିକିତ୍ସକଙ୍କୁ ନିୟୋଜିତ କରିବା ସହିତ ବଲାଙ୍ଗୀରରେ ଏକ ଆୟୁର୍ବେଦିକ ଚିକିତ୍ସାଳୟ ମଧ ସ୍ଥାପନା କରାଇଥିଲେ। ରାମକୃଷ୍ଣ ପରମହଂସଙ୍କ ସହଧର୍ମିଣୀ ଶାରଦା ଦେବୀଙ୍କ ନାମ ଅନୁସାରେ ଏହି ଚିକିତ୍ସାଳୟର ନାମ ଶାରଦେଶ୍ୱରୀ ରଖାଯାଇଥିଲା। ବଲାଙ୍ଗୀର ସହରରେ ଏକ ଗୋପାଳନ କେନ୍ଦ୍ର ସ୍ଥାପନ କରିବା ସହିତ ସେଠାରେ ଉନ୍ନତ ଗୋ ମହିଷାଦି ପାଳନର ବ୍ୟବସ୍ଥା କରାଇଥିଲେ।

ବଲାଙ୍ଗୀର ପାଟଣା ଗଡ଼ଜାତରେ ସେ ସମୟରେ ଏକ ସ୍ୱତନ୍ତ୍ର ବିଚାର ବ୍ୟବସ୍ଥା ରହିଥିଲା।ତିନିଜଣ ବିଜ୍ଞ ବିଚାରପତିଙ୍କୁ ନେଇ ବଲାଙ୍ଗୀରରେ ଏକ ଉଚ୍ଚନ୍ୟାୟାଳୟ କାମ କରୁଥିଲା, ଯାହା ସେ ସମୟରେ ଅନ୍ୟ କୌଣସି ପ୍ରାନ୍ତୀୟ ରାଜ୍ୟରେ ବିରଳଥିଲା।

ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଜଣେ ଧର୍ମପ୍ରାଣ ମଣିଷ ଥିଲେ। ନିଜ ମାଆ କିଶୋରୀ ମୋହନ ଦେବୀଙ୍କ ସ୍ମୃତିରେ ସେ ରାଜପ୍ରାସାଦ ଭିତରେ ଦୁଇଟି ପୁଷ୍କରିଣୀ ମଝିରେ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ଓ ଶ୍ରୀ ରଘୁନାଥ ମନ୍ଦିର ସ୍ଥାପନ କରାଇଥିଲେ। ୧୯୩୯ରେ ସେ ଗୋଟିଏ ପଣ୍ଡିତ ସମ୍ମିଳନୀ ଡ଼ାକାଇଥିଲେ ଯେଉଁଥିଲେ ୫୦୦୦ରୁ ଅଧିକ ପଣ୍ଡିତ ଯୋଗ ଦେଇଥିଲେ । ବାଲ୍ୟବିବାହ ପ୍ରଥାର ଉଚ୍ଛେଦ ଓ ବିଧବା ବିବାହ ପ୍ରଚଳନ ପାଇଁ ସେ ଏହାଦ୍ୱାରା ଜନ ଜାଗୃତି ସୃଷ୍ଟି କରିଥିଲେ । ପ୍ରତି ଶନିବାର ଓ ବୁଧବାର ଦିନ ଯେ କେହି ପ୍ରଜା ରାଜପ୍ରାସାଦକୁ ଯାଇ ତାଙ୍କୁ ନିଜ ଦୁଃଖ ଜଣାଇ ପାରୁଥିଲା।୧୯୩୬ ମସିହାରେ ନିଜ ଜନ୍ମଦିନ ଅବସରରେ ସେ ବେଠି ଓ ବେଗାରି ପ୍ରଥା ପ୍ରଜାମାନଙ୍କ ଉପରୁ ଉଠାଇ ଦେଇଥିଲେ।

୧୯୩୯ ଫେବୃଆରୀ ୨୬ ତାରିଖରୁ ୧୦ ଦିନ ପର୍ଯ୍ୟନ୍ତ କୃଷିଜାତ ପଦାର୍ଥ ଓ ଗୃହପାଳିତ ପଶୁମାନଙ୍କର ଏକ ପ୍ରଦର୍ଶନୀ ବଲାଙ୍ଗୀରରେ ଆୟୋଜନ କରିଥିଲେ। କୃଷିର ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥାରେ ସୁଧାର କରିବା ସହିତ କୁଟୀର ଶିଳ୍ପର ଉନ୍ନତି ପାଇଁ ଅଭିଜ୍ଞ ଶିଳ୍ପୀ ଓ ତାଲିମଦାତାଙ୍କୁ ଅଣାଇ ସେ ଲୋକମାନଙ୍କୁ ପ୍ରଶିକ୍ଷିତ କରାଇଥିଲେ । କ୍ରୀଡାପ୍ରତି ତାଙ୍କ ପ୍ରେମର ନିଦର୍ଶନ ସ୍ୱରୂପ 'ରମାଇ ଫୁଟବଲ ଟୁର୍ଣ୍ଣାମେଣ୍ଟ' ଆୟୋଜନ କରିଥିଲେ । ସେ ନିଜେ ଟାଉନ ଟିମରେ ଖେଳୁଥିଲେ। ଅନ୍ୟମାନଙ୍କ ସହ ମିଶି ଖେଳିବାକୁ ସେ କେବେ କୁଣ୍ଠାବୋଧ କରୁ ନ ଥିଲେ। ପ୍ରଫେସର ସି.ଆର.ଡ଼ି. ନାଇଡୁ ତାଙ୍କୁ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଉଥିଲେ।

ତାଙ୍କର ସୁଶାସନ ପାଇଁ ଅନ୍ୟାନ୍ୟ ଗଡ଼ଜାତରେ ପ୍ରଜା ଆନ୍ଦୋଳନ ହୋଇଥିଲା ବେଳେ ତାଙ୍କ ରାଜ୍ୟରେ ଶାନ୍ତି ଥିଲା । ଗଡ଼ଜାତ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରି ସେ ବଲାଙ୍ଗୀର ଗଡ଼ଜାତକୁ ଓଡ଼ିଶା ରାଜ୍ୟ ସହିତ ମିଶାଇଥିଲେ।ବହୁଜନହିତାୟର ଆଦର୍ଶ ନେଇ ସେ ସର୍ବାଧିକ ରାଜସ୍ୱ ଓଡ଼ିଶା ସରକାରଙ୍କୁ ପ୍ରଦାନ କରିଥିଲେ।

ରାଜୁଡ଼ା ଶାସନ ର ଅବସାନ ପରେ ପରବର୍ତ୍ତୀ ଓଡ଼ିଶା ରାଜନୀତି ର ସେ କେନ୍ଦ୍ରବିନ୍ଦୁ ଥିଲେ। ସେ ବିରୋଧି ଦଳର ନେତା, ଉପମୁଖ୍ୟ ମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସାଂସଦ ଭାବେ ନିଜ ଭୂମିକା ସୁଚାରୁରୂପେ ନିଭାଇଥିଲେ।

ସେ ଥିଲେ ଓଡ଼ିଶା ରାଜନୀତି ର ଆର୍କଷଣୀୟ ବ୍ୟକ୍ତିତ୍ୱ।ଓଜସ୍ୱିନୀ ବକ୍ତୃତା,ଉପଯୁକ୍ତ ମାର୍ଗ ଓ ଶୈଳୀ ରେ ଓଡ଼ିଶାର ଦାବି ଉପସ୍ଥାପନ,ଆଦର୍ଶ ଶାସନ,ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନତା,ସ୍ୱାଭାବ-ସୁଲଭ ରାଜକୀୟ ବ୍ୟବହାର ପାଇଁ ସେ ସମସ୍ତଙ୍କର ହୃଦୟ କୁ ଜୟ କରିପାରିଥିଲେ।ସେ ୧୯୭୫ ମସିହା ଫେବୃୟାରୀ ମାସ ୨୩ ତାରିଖ ରେ ଏ ପାର୍ଥିବ ଜଗତରୁ ଚିର ଦିନ ପାଇଁ ବିଦାୟ ନେଲେ।ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।


+ ସମ୍ପାଦକ
ବ୍ରଜବିଳାସ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ: ୬୩୭୦୨୦୮୪୨୮





### ଲୋଡ଼ାପଣ

ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ



ପାଦତଳେ କଣ୍ଟା ବାଜିଗଲେ
କେମିତି ତା କାଢ଼ିବାକୁ ହୁଏ
ତୋହ ଛଡ଼ା କିଏ ଆଉ ଅଧିକ
ଜାଣିଚି ?
ମନ ଭିତରରେ ଯଦି
ଅଙ୍କା ବଙ୍କା ଲେଖା କିଛି ଥାଏ
ସେ ଲେଖାକୁ କିଏ ଆଉ
ତୋହ ଛଡ଼ା ଅଧିକ ପଢ଼ିଛି ?

ମୁଁ ସିନା ପାଠଶାଳାରେ
ପଢ଼ିଅଛି ତୋହଠାରୁ
ବେଶ୍ କିଛି ପାଠ
ଜାଣିଅଛି କେମିତି ରକେଟ୍ ଯାଇ
ପହଞ୍ଚିବ ଚନ୍ଦ୍ର ମାଟିପୃଷ୍ଠ
କେମିତି ଅଣୁଟିଏରେ
ଧ୍ୱଂସ ହେବ ସମଗ୍ର ଜଗତ
ମଣିଷର କାର୍ଯ୍ୟମାନ
କରିପାରେ କେମିତି ରୋବଟ
ଜଣକ ଗର୍ଭକୁ ପୁଣି
ଆଉଜଣେ ନେଇଯାଇପାରେ
ମରିଯାଉଥିବା ଲୋକ
କିଛିକାଳ ଆଉ ବଂଚିପାରେ
ମୋର ସବୁକିଛି ଜ୍ଞାନ
ତୋ ସ୍ନେହର ବିନ୍ଦୁକୁ ନିଅଣ୍ଟ
ଶ୍ରଦ୍ଧା ତୋର ଆଦର ତୋ
ତୋର ଭଲପାଇବାର ବାଟ
ମୋର ଜ୍ଞାନ ବିନ୍ଦୁ ହେଲେ
ସାଗରଟେ ତୋ ଭଲ ପାଇବା
ତାକୁଇ ମୁଁ ଲୋଡୁଥାଏ
ଜନ୍ମଠାରୁ ମୃତ୍ୟୁଯାଏ ସଦା ।


■■୧୬,
ଡିଉବେରି, ମେନରଲେକ୍ସ୍,
ମେଲବୋର୍ଣ୍ଣ, ଅଷ୍ଟ୍ରେଲିଆ


### ଆଂଟି ରୋମାଂଟିକ୍

ଜିତୁ ପ୍ରଧାନ

(ଅଧର ତଳର ଅଧା କବିତା )
ମୁଁ ତୋତେ ଲେଖିଛି ପ୍ରେମିକର ଚିଠି
ପାରୁନୁ କେମିତି ପଢ଼ି
ଦେହ ତୋର ହେଲା ନରମୀ
ରେଶମ
ଯଉବନ ଦେଲୁ ପୋଡ଼ି,
ଅଧା ଜହ୍ନର ଅଧର ତଳୁ ତୁ
ଚୋରାଇ ଆଣିଲୁ ପ୍ରେମ
ଟୋପାଏ ଲୁହରେ ଉତୁରି ପଡ଼ିଲା
ତୋ ଦେହେ ସାଇତା କାମ ?

ତୋ ଦେହ ଯୁଇରେ ସାଇତି ରଖିଲୁ
ଜଳିଗଲା ମୋର ଦେହ
ଉତୁରି ଆସିଲା ଛାତିରୁ ବେଦନା
ନୟନୁ ଝରିଲା ଲୁହ,
ତୋ ଦେହ ଦେଉଳେ ଦେବୀ
ପାଲଟିଲୁ
ପୂଜିଥିଲୁ କାହିଁ ମୋତେ
ଦେବୀକୁ କିଏ ସେ କେଉଁଠି ପାଇଛି
ପ୍ରେମିକା ରୂପରେ ସତେ ।

ଆକାଶ ଛିଣ୍ଡେଇ ଆଣିବି ଜହ୍ନକୁ
ନାଇବୁ ଟିକିଲି କରି
ତାରା ତୋଳିଦେବି କାନରେ ଝୁଲିବ
ରୂପେଲି ଝୁମୁକା ପରି,
ନଇକୁ କହିବି ଆସିବ ତୋ ପାଇଁ
ଧୋଇବାକୁ ତୋର ପାଦ
କୋଇଲି ଗାଇବ ହୃଦୟ ସ୍ତବକ
ଭୁଲିଯିବୁ ଅପବାଦ ?

ଫୁଲ ଆଣିଦେବି ରେଶମୀ ରଙ୍ଗର
କେଶର ଗଭାରେ ରହିବ ଲାଖି
ତତେ ଯେ ଦେଖିବ ପୂନେଇଁ
ରାତିରେ ଜଳି ଉଠିବ ତା' ଦୁଇଟି
ଆଖି ?


■■ଥଏମ.ଏ. ଛାତ୍ର ଧ
ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ -୮୨୬୦୭୬୯୪୦୬


### ସପନ ଦେଲା ଫାଙ୍କି

ଦିବାକର ନାୟକ



ବସିଥିଲି ଦିନେ ମନକୁ ମାରି ମୁଁ
ମନ କଥା ମନେ ରଖି
ଜଣେ ମୋ ଛବିରେ ଭଲ ପାଏ
ବୋଲି
ପଠେଇ ଦେଲା ତ ଲେଖି
ସେବେଠୁ ଭାବୁଛି
ଦୂରରେ ଥିଲେ ବି
ଆମେ ଦୁହେଁ ପାଖାପାଖି ।

ଶୋଷ ହେଲେ ଟୋପେ ପାଣି
ମାଗିଦେଲେ
ଢାଳେ ପାଣି ମିଳିଯିବ
ପ୍ରେମ କରିବାକୁ ମନ ମାଗିଦେଲେ
ସହଜେ କି କିଏ ଦେବ

ଆଜି ମୁଁ ଜାଣିଲି ସେ ଛବିକୁ ଦେଖି
ମୁଁଯେ ତା'ର ମନଲାଖି...
ବସିଥିଲି ଦିନେ ମନକୁ ମାରି ମୁଁ
ମନ କଥା ମନେ ରଖି ।

କିଏ ଭଲ ପାଏ ଅସରନ୍ତି ଧନ
କିଏ ଖୋଜେ ଶୁଦ୍ଧ ମନ
ନିଃସଙ୍ଗ ବେଳାରେ ମିଠା ପଦେ କହି
ଛୁଇଁ ଯାଉଥିବ ପ୍ରାଣ

ସହସା ସକାଳ କଳରବ ଶୁଣି
ସପନ ମୋ ଦେଲା ଫାଙ୍କି...
ବସିଥିଲି ଦିନେ ମନକୁ ମାରି ମୁଁ
ମନ କଥା ମନେ ରଖି ।


■■ପାଟପୁର କନିସି ଗଞ୍ଜାମ
ମୋ- ୯୯୩୮୬୧୯୯୮୧

# ବିଦ୍ୟାଳୟରେ ବିଦାୟକାଳୀନ ସଭା

**ସନ୍ତୋଷ କୁମାର ଅଦାବର**

ଏ ବର୍ଷର ବାର୍ଷିକ ପରୀକ୍ଷା ସରିଗଲା । ଫଳାଫଳ ମଧ୍ୟ ଗତକାଲି ଘୋଷଣା ହୋଇଯାଇଛି। ଆଜି ମଧୁପୁର ଉଚ୍ଚ ପ୍ରାଥମିକ



ବିଦ୍ୟାଳୟର ଏକ ବଡ଼ ହଲରେ ଚାଲିଛି ବିଦାୟକାଳୀନ ସଭା । ଅଷ୍ଟମ ଶ୍ରେଣୀକୁ ବିଦାୟ ଦିଆଯିବ। ଆଗରେ ବସିଛନ୍ତି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ । ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ର ଛାତ୍ରୀ ସବୁ ମଧ୍ୟ ବସିଛନ୍ତି। ପ୍ରଥମେ ପ୍ରଧାନ ଶିକ୍ଷକ ତା'ପରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଜଣ ଜଣକରି ଉକ୍ତ ଦିନଟି ଉପରେ ନିଜର ବକ୍ତବ୍ୟ ରଖୁଛନ୍ତି। ତାଙ୍କ ଆଖିରେ ଲୁହଭରା ଆବେଗ ଜଣାପଡୁଛି।

ଶିକ୍ଷକ ଶିକ୍ଷୟିତ୍ରୀଙ୍କର ବକ୍ତବ୍ୟ ସରିବା ପରେ ସାହୁ ସାର୍ କହିଲେ- ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ କେହି ଯଦି ଆଜି ଏ ବିଦାୟ କାଳୀନ ଅବସରରେ ପ୍ରତିକ୍ରିୟା ରଖିବ,ତା'ହେଲେ ଏ ପଡ଼ିୟମ୍ ପାଖକୁ ଆସ ଏବଂ କୁହ । ଦୀର୍ଘ ଆଠ ବର୍ଷ ଗୋଟିଏ ସ୍କୁଲରେ ପଢ଼ି ସେଦିନ ବିଦାୟ ନେବାକୁ ଥିବାରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମନରେ ଦୁଃଖ ଆସିଥାଏ। କିଛି ଛାତ୍ର ଛାତ୍ରୀ ଏବଂ କେତେକ ଶିକ୍ଷକ ଦୁଃଖଭରା ଆବେଗକୁ ନିୟନ୍ତ୍ରଣ କରି ପାରୁ ନ ଥାନ୍ତି । କେବଳ ମିତା ଯିଏକି ଅଷ୍ଟମ ଶ୍ରେଣୀର ଜଣେ ମେଧାବୀ ଛାତ୍ରୀ ପଡ଼ିୟମ୍ ପାଖକୁ ଆସି କିଛି କିଛି କହିଲା । ତା'ର କ୍ଷୁଦ୍ର ବକ୍ତବ୍ୟ ଥିଲା ଏହିପରି।

ମଞ୍ଚାସୀନ ଗୁରୁକୁଳଙ୍କୁ ପ୍ରଣାମ ଏବଂ ସାନ ଭାଇ ଭଉଣୀଙ୍କୁ ଅନେକ ସ୍ନେହ । ଆମ୍ଭେମାନେ ଗତ ଆଠ ବର୍ଷରେ ଆମ ଏ ସ୍କୁଲରେ ଏକାଠି ପଢିଛେ, ଖେଳିଛେ, ବିଭିନ୍ନ ପ୍ରତିଯୋଗିତା ତଥା କାର୍ଯ୍ୟକ୍ରମ ଗୁଡ଼ିକରେ ଭାଗ ନେଇ ସ୍କୁଲର ଗୌରବ ରଖିଛେ। ଭଲ ଥିଲେ ଭୁଲ୍ ମଧ୍ୟ ଅଛି। ତେଣୁ ମୁଁ ଭାବୁଛି କିଛି ଭୁଲ୍ ବି ଆମର ଥାଇପାରେ। ମୋର ସାନ ଭାଇ ଭଉଣୀ ମାନେ ଏହାକୁ ଆଦୌ ଧରିବେ ନାହିଁ । ଗୁରୁଜନଙ୍କୁ ବିନମ୍ର ଅନୁରୋଧ କ୍ଷମା କରି ଦେବେ । ଆଜି ତ ଆମ ପାଇଁ ଖୁସିର ଦିନ । ଆମେ କାହିଁକି ଦୁଃଖ କରିବା ? ଆମେ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ଉଚ୍ଚ ଶିକ୍ଷା ପାଇଁ ଏ ସ୍କୁଲ ଛାଡ଼ି ଅନ୍ୟତ୍ର ପଢ଼ିବୁ, ମାତ୍ର ଆମେ ଆପଣମାନଙ୍କ ମନ ଭିତରେ ସର୍ବଦା ରହିଛୁ ଏବଂ ରହିଥିବୁ ମଧ୍ୟ। ଗୁରୁଜନ ମାନେ ସର୍ବଦା ଆମର ନମସ୍ୟ ଆଉ ଦେବତୁଲ୍ୟ । ଆଜିର ଏ ଅବସରରେ ହେ ମୋର ଭାଇ ଭଉଣୀ ମାନେ ତୁମକୁ ଏତିକି ଅନୁରୋଧ କରି କହିବି, ସର୍ବଦା ଗୁରୁ ହିଁ ଶ୍ରେଷ୍ଠ। ସେମାନେ ଆମକୁ ଜ୍ଞାନ ରୂପକ ଆଲୋକ ପ୍ରଦାନ ଏବଂ ଜୀବନ ଗଢ଼ିବାର ପଥ ପ୍ରଦର୍ଶନ କରିଛନ୍ତି । ଆମେ କାଲି ହୁଏତ ଅଧିକ ଅଧ୍ୟୟନ କରି ମୋଟା ଦରମା ପାଇ ବଡ଼ ଲୋକ ବା ବଡ଼ ପଦବୀ ପାଇ ପାରିବା । ଆଉ କିଏ କୃଷକ, ଶ୍ରମିକ ବା ବ୍ୟବସାୟୀ ହୋଇ ମଧ୍ୟ ବଞ୍ଚିବା । ଏ ସବୁଥିରେ ଗୁରୁଙ୍କର ଅବଦାନ ରହିଛି । ତେଣୁ ଗୁରୁ ସର୍ବଦା ଆମ ଠାରୁ ବହୁ ଉର୍ଦ୍ଧ୍ୱରେ । ତାଙ୍କୁ ଛୋଟ ଭାବିଲେ ଏ ଜୀବନ ତୁଚ୍ଛ ହୋଇଯିବ। ସର୍ବଦା ଗୁରୁ ହିଁ ଶିଷ୍ୟ ଠାରୁ ବଡ଼ । ଶିଷ୍ୟ ଯେତେ ବଡ଼ ପଦ ପଦବୀରେ ରହିଲେ ମଧ୍ୟ ଗୁରୁ ଠାରୁ ସେ କେବେ ବଡ଼ ପଦବାଚ୍ୟ ହୋଇପାରିବ ନାହିଁ । ଏଣୁ ସମସ୍ତେ ଗୁରୁଜନଙ୍କୁ ସର୍ବଦା ସମ୍ମାନ କରିବା। ଶେଷରେ ଗୁରୁଜନଙ୍କୁ ମୋର ଭକ୍ତିଭରା ପ୍ରଣାମ ଏବଂ ସହପାଠୀ ତଥା ସାନ ଭାଇ ଭଉଣୀଙ୍କୁ ବହୁତ ସ୍ନେହ ।

ମିତାର କ୍ଷୁଦ୍ର ବକ୍ତବ୍ୟ କିଛି କ୍ଷଣ ପାଇଁ ସଭିଙ୍କୁ ଦୁଃଖ ପରିବେଶରୁ ଏକ ଭିନ୍ନ ଦିଗକୁ ନେଲା। ସେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବାଃ ବାଃ କଲେ । ପ୍ରଧାନ ଶିକ୍ଷକ ବେହେରା ସାର୍ ଖୁସି ହୋଇ ମିତାକୁ କିଛି ଆର୍ଥିକ ପୁରସ୍କାର ପ୍ରଦାନ କଲେ । ସେ କହିଲେ- ସତରେ ପିଲାମାନେ । ଏ ମିତା ପରି ଅମୂଲ୍ୟ ରତ୍ନ ତୁମେମାନେ । ଆଜିପରି ଦିନରେ ଖୁବ୍ ସୁନ୍ଦର କଥା କହିଛି ମିତା । ଆମର ବି ଗୁରୁ ଥିଲେ, ଆମ ଗୁରୁଙ୍କର ମଧ୍ୟ ଗୁରୁ ଥିବେ; କିନ୍ତୁ ଆମେ ତାଙ୍କର ଶିଷ୍ୟ । ସବୁବେଳେ ତାଙ୍କ ସମ୍ମୁଖରେ ଆମ ମଥା ସ୍ୱତଃ ନଇଁ ପଡ଼ିଥାଏ । ପ୍ରକୃତରେ ଗୁରୁ ହିଁ ଶ୍ରେଷ୍ଠ ଅଟନ୍ତି । ଏତକ ସେ କହି ସାରିବା ପରେ ବିଦାୟକାଳୀନ ସଭାଟିକୁ ସମାପ୍ତ ଘୋଷଣା କରାଗଲା।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# କହିବା ଆଗରୁ କରିବା ଶିଖ

**ରମେଶ ଚନ୍ଦ୍ର ଦାଶ**



ବାଘ ଦିନେ ତାର ସମସ୍ତ କର୍ମଚାରୀଙ୍କୁ ଏକାଠି କରି ଗୋଟିଏ ସଭା କଲା । ସେହି ସଭାରେ ସେ କହିଲା, "ଏବେ ଇଂଟରନେଟ୍ ଯୁଗ ହେଲେଣି । ତେଣୁ ସମସ୍ତ ଖବର ଦିଆନିଆ ଏଣିକି ଏହା ଦ୍ୱାରା ହେବ । ଯାହା ଫଳରେ କାଗଜର ବ୍ୟବହାର କମିଯିବ, ଜଙ୍ଗଲ ସୁରକ୍ଷା ହୋଇପାରିବ । ଖବର ବି ଶୀଘ୍ର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରିବ । ଏହାଦ୍ୱାରା ସମସ୍ତେ ଭଲରେ ରହିବେ ।" ବୁଢ଼ା ଭାଲୁ ଏହା ଶୁଣିବା କ୍ଷଣି କହିଲା, "ମହାଶୟ, ମୁଁ ବୁଢ଼ା । ହେଲିଣି । ମୋ ଆଖିକୁ ଭଲ ଦିଶୁନାହିଁ । ଏ ବୟସରେ ଇଂଟରନେଟ୍ ବ୍ୟବହାର କରିବା ମୋ ପାଇଁ ସମ୍ଭବ ନୁହେଁ ।" ତାହା ଶୁଣି ବାଘ କହିଲା, "ତେବେ ଚାକିରି ଛାଡ଼ି ଘରକୁ ପଳା ।" ତାର ଡରରେ ଅନ୍ୟମାନେ ବି କିଛି କହିଲେ ନାହିଁ । ତାପରେ ଭାଲୁ ତାର ନାତିଟୋକାର ସହାୟତା ନେଇ ଇଂଟରନେଟ୍‌ରେ ସବୁ କାମ କଲା । କାରଣ ତାର ଚାକିରି ଗଲେ ରୋଜଗାର କମିଯିବ ଓ ସେ ଖାଇବାକୁ ପାଇବନି ।

ଦିନକର ଘଟଣା । ସୀମାରେ କାମ କରୁଥିବା ଗୁପ୍ତଚରମାନେ ଖବର ପଠାଇଲେ ଯେ ଶତ୍ରୁପକ୍ଷର ସୈନ୍ୟମାନେ ତାଙ୍କ ରାଜ୍ୟକୁ ପଶିବାକୁ ବାହାରିଛନ୍ତି । ଏଥିପାଇଁ ତୁରନ୍ତ ସୈନ୍ୟଙ୍କୁ ପଠାଇବାକୁ ହେବ । ଗୁପ୍ତଚରମାନଙ୍କ ଏହି ଖବର କେବଳ ବାଘ ପାଖକୁ ହିଁ ଥିଲା । ଅନ୍ୟମାନେ ଜାଣିବା ମୁସ୍କିଲ । ସତ କହିବାକୁ ଗଲେ ବାଘକୁ ଇଂଟରନେଟ୍‌ର ବ୍ୟବହାର ଜଣାନଥିଲା । ସେ ସବୁକାମ ବିଲୁଆ ହାତରେ କରେ । ସେଦିନ ବିଲୁଆ ଦେହ ଖରାପ ପାଇଁ ରାଜଦରବାରକୁ ଯାଇନଥିଲା । ତେଣୁ ବାଘ ଏ ବିଷୟରେ କିଛି ଜାଣିପାରିଲା ନାହିଁ ।

ଶତ୍ରୁ ପକ୍ଷର ସୈନ୍ୟମାନେ ପ୍ରସ୍ତୁତ ହୋଇ ଧୀରେ ଧୀରେ ତା' ରାଜ୍ୟ ଭିତରକୁ ପଶିଲେ । ଗୁପ୍ତଚରମାନେ ସେମାନଙ୍କ କ୍ଷମତା ମୁତାବକ ସାମନା କରି ମୃତ୍ୟୁ ମୁଖରେ ପଡ଼ିଲେ । ଶତ୍ରୁପକ୍ଷର ସୈନ୍ୟମାନେ ଆସି ରାଜନଅର ପାଖରେ ପହଁଚିଲେ । ବାଘ ଆଉ କ'ଣ କରିବ କିଛି ଭାବି ନପାରି ଭାଲୁ ସହିତ ସମସ୍ତଙ୍କୁ ଡାକିଲା । ଭାଲୁ କହିଲା, "ମୁଁ ଇଂଟରନେଟ୍ ଜାଣିନଥିବାରୁ ମୋତେ ଚାକିରି ଛାଡ଼ିଦେବାକୁ ଧମକାଉଥିଲେ । ଏବେ ତ ଆପଣଙ୍କ ପାଳି । ଏବେ ଆପଣ ରାଜ୍ୟ ଛାଡ଼ି ଯାଆନ୍ତୁ, ଆମେ ରାଜ୍ୟ ସୁରକ୍ଷାର ବ୍ୟବସ୍ଥା କରିବୁ ।" ବାଘର ଖରାପ ବ୍ୟବହାରରେ ସମସ୍ତେ ଅସନ୍ତୁଷ୍ଟ ଥିଲେ । ସମସ୍ତେ ଏକାଠି ହୋଇ ତାକୁ ରାଜପଦରୁ ହଟାଇଲେ । ତା' ଜାଗାରେ ସିଂହକୁ ରାଜା କଲେ । ସମସ୍ତେ ମିଶି ଶତ୍ରୁପକ୍ଷକୁ ଏପରି ସାମନା କଲେ ଯେ ସେମାନେ ଅବିଳମ୍ବେ ସେହି ରାଜ୍ୟ ଛାଡ଼ି ପଳାଇଲେ । ତାପରେ ସିଂହ ସମସ୍ତଙ୍କ ସହିତ କଥା ହୋଇ ବାଘକୁ ତାର ରାଜ୍ୟ ଫେରାଇଦେଲେ । ବାଘ ବୁଝିଲା ଯେ ନିଜେ କରିପାରୁନଥିବା କାମ ଅନ୍ୟମାନଙ୍କୁ କରିବାକୁ ବାଧ୍ୟ କରିବାର ପରିଣତି କିପରି ଭୟଙ୍କର ହୁଏ ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ଫୋନ୍-୯୭୭୬୨୩୮୫୨୨

# ମହୁଲ ପିଠା

**ପ୍ରଦ୍ୟୁମ୍ନ ପଟ୍ଟନାୟକ**



ଶୀତ ଯାଇ ବସନ୍ତ ଋତୁ ଆସିଲା । ମହୁଲ ଗଛରେ ଫୁଲ ଫୁଟିବା ଆରମ୍ଭ ହେଲା । ମହୁଲ ଫୁଲର ବାସନାରେ ସାରା ଜଙ୍ଗଲ ମହକି ଯାଉଥାଏ। ଫୁଟିବା ଫୁଲ ସବୁ ସକାଳକୁ ଝଡ଼ି ପଡୁଥାଏ। ବଣ ଜଙ୍ଗଲରେ ରହୁଥିବା ଲୋକମାନେ ସକାଳୁ ସକାଳୁ ଯାଇ ମହୁଲ ଫୁଲ ଗୋଟେଇ ଆଣନ୍ତି ।

ମହୁଲ ଫୁଲର ମିଠା ମିଠା ସ୍ୱାଦ। ମଣିଷମାନଙ୍କୁ ଯେମିତି ଭଲ ଲାଗେ ଭାଲୁମାନେ ସେମିତି ତାକୁ ଖାଇବାକୁ ବହୁତ ଭଲପାଆନ୍ତି । ସେମାନେ ବି ଘନ ଜଙ୍ଗଲ, ପଥର ଗୁମ୍ଫା ଛାଡ଼ି ଆସିଯାଆନ୍ତି ମହୁଲ ଗଛ ମୂଳରୁ ମହୁଲ ଫୁଲ ଖାଇବାକୁ ।

ଦିନକୁ ଦିନ ଲୋକମାନେ ବଣ ଜଙ୍ଗଲରୁ ଅନ୍ୟ ଗଛ ସହ ମହୁଲ ଗଛ ବି କାଟି ଦେଲେଣି। କିଏ ଘର କରିବା ପାଇଁ ନେଲାଣି ତ କିଏ କାଠ ଜାଳ କରି ବିକ୍ରି କରି ଦେଲାଣି । ତଥାପି ପାହାଡ଼ ତଳେ ଥାଏ କେତୋଟି ମହୁଲ ଗଛ। ସେଥିରେ ବସନ୍ତ ଋତୁରେ ଫୁଲ ଭର୍ତ୍ତି ହୋଇଯାଏ। ପାହାଡ଼ ପାଖ ଗାଆଁରେ ରହୁଥାଏ ଝିଅଟିଏ। ନାଆଁ ତାର ମାଳତୀ । ମା' ସହ ମାଳତୀ ବଣକୁ ଯାଏ ମହୁଲ ଫୁଲ ଗୋଟେଇବାକୁ । ସକାଳ ହେବା ଆଗରୁ ମା' ଝିଅଙ୍କୁ ମହୁଲ ଗଛ ପାଖରେ ପହଞ୍ଚିବାକୁ ପଡୁଥାଏ । ନହେଲେ ଫୁଲସବୁ ଆଉ କିଏ ନେଇଯାଏ ।

ଦିନେ ମାଳତୀର ମା' ଦେହ ଭଲ ନଥିବାରୁ ସେ ସକାଳୁ ଉଠି ପାରିଲା ନାହିଁ । ମାଳତୀକୁ ଏକୁଟିଆ ମହୁଲ ଫୁଲ ସାଉଁଟିବା ପାଇଁ ଯିବାକୁ ପଡିଲା । ମାଳତୀ ଗଛ ମୂଳକୁ ଯାଇ ଦେଖିଲା ଗୋଟିଏ ହେଲେ ବି ଫୁଲ ନାହିଁ । କିଏ ସବୁ ତୋଳି ନେଇଥାଏ । ସେ ମନ ଦୁଃଖ କରି ଖାଲି ହାତରେ ଫେରି ଆସିଲା । ମା' କୁ କହିବାରୁ ତା' ମା' କହିଲା ତୁ ଏତେ ଡେରିରେ ଗଲୁ ଆଗରୁ କିଏ ଯାଇ ବୋଧେ ସବୁ ଫୁଲ ସାଉଁଟି ନେଇଛି । କାଲି ଆହୁରି ଶୀଘ୍ର ଯିବୁ ।

ତା' ପରଦିନ ବି ମାଳତୀକୁ ଏକୁଟିଆ ଯିବାକୁ ପଡିଲା । ସେ କିନ୍ତୁ ରାତି ନପାହୁଣୁ ଅନ୍ଧାରରୁ ଚାଲିଗଲା ମହୁଲ ଗଛ ମୂଳକୁ । ଯାଇ ଦେଖିଲା ମହୁଲ ଗଛ ମୂଳରେ ଭାଲୁଟିଏ ଫୁଲ ସବୁ ଖୁଣ୍ଟି ଖାଉଛି । ଭାଲୁକୁ ଦେଖି ମାଳତୀ ଡରି ପଳାଇ ଆସୁଥିଲା । ଭାଲୁ ତାକୁ ପଛରୁ ଡାକି କହିଲା, କଣ ହେଲା ଝିଅ ଏମିତି ପଳାଉଛୁ କାହିଁକି ? ମାଳତୀ କହିଲା, ଭାଲୁ ମାଉସୀ ତୁମେ ତ ସବୁ ମହୁଲ ଫୁଲ ଗୋଟେଇ ଖାଇ ଦେଉଛ ଆମେ ପିଠା ଖାଇବୁ କେମିତି ? ଭାଲୁ କହିଲା, ହଉ ଝିଅ କାଲି ମୁଁ ଏ ଗଛ ମୂଳରୁ ଗୋଟିଏ ହେଲେବି ଫୁଲ ନେବି ନାହିଁ କିନ୍ତୁ ତୁ ମୋତେ ଖଣ୍ଡେ ମହୁଲ ପିଠା ଦେବୁ ତ ? ମୁଁ କେବେ ମହୁଲ ପିଠା ଖାଇ ନାହିଁ । ମାଳତୀ କହିଲା, ହଁ ମାଉସୀ ମା' ଦେହ ଭଲ ହୋଇଗଲେ ମୁଁ ପିଠା ଆଣି ଦେବି ।

ମାଳତୀ ତା' ପରଦିନ ଦେଖିଲା ସେ ଗଛ ମୂଳରେ ମହୁଲ ଫୁଲ ସବୁ ସେମିତି ପଡ଼ିଛି । ତାକୁ ଭାଲୁ ଜଗିବସିଥାଏ । ମାଳତୀ ଖୁସି ହୋଇ ଫୁଲ ତକ ଗୋଟେଇ ଆଣିଲା। ଘରକୁ ଫେରିବା ବେଳେ କହିଲା, ଭାଲୁ ମାଉସୀ ତୁମେ କାଲି ଆସିବ ମୁଁ ତୁମ ପାଇଁ ପିଠା ଆଣିଥିବି । ସେଦିନ ତା' ମା' ଦେହ ଭଲ ହୋଇ ଯାଇଥିଲା । ସେ ମହୁଲ ଫୁଲରେ ଚାଉଳ ମିଶାଇ ପିଠା କରି ଦେଲା । ସକାଳୁ ମାଳତୀ ସେ ପିଠାକୁ ନେଇ ଯାଇ ଦେଖିଲା ଭାଲୁ ସେମିତି ଗଛକୁ ଜଗିଥାଏ। ମାଳତୀ କହିଲା, ମାଉସୀ ନିଅ ତୁମ ପାଇଁ ମା' ପିଠା ଦେଇଛି। ଭାଲୁ ଖଣ୍ଡିଏ ପିଠା ଖାଇଦେଇ କହିଲା, ଆହା କେଡ଼େ ସ୍ୱାଦିଷ୍ଟ ପିଠା । ମୁଁ ଏଥିରୁ ଖଣ୍ଡେ ମୋ ଛୁଆ ପାଇଁ ନେଇ ଯିବି।

ଭାଲୁ ଗଲା ବେଳେ କହି ଗଲା , ଝିଅ ଖରା ଦିନ ହେଲେ ମୁଁ ପାଚିଲା ପଣସ ଆଣିଦେବି। ହଁ, ତୁମ ଗାଆଁ ଲୋକଙ୍କୁ କହି ଦେବୁ ଯିଏ ଜଙ୍ଗଲରୁ ଗଛ କାଟିବ ମୁଁ ତାକୁ ମୋର ମୁନିଆ ନଖ ଏବଂ ଦାନ୍ତରେ ଝୁଣି ଦେବି। ମାଳତୀ ଭାଲୁ କହିଥିବା କଥା ଆସି ଗାଆଁରେ କହିବାରୁ ଲୋକେମାନେ ଆଉ ଗଛ କାଟିବା ପାଇଁ ବଣକୁ ଗଲେ ନାହିଁ ।

+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## କବିତା
ତୁମ ପାଇଁ

### ପିଲାଦିନ ଗଲାଚାଲି
**ପ୍ରଶାନ୍ତ କୁମାର ଦାଶ**

ବଣଭୋଜି କରିବାକୁ
ଘଞ୍ଚ ବଣନାହିଁ
ଦୋଳି ଖେଳିବାକୁ ମନ
ହୁଏ ହାଇଁପାଇଁ ।

ନଅର ତିଆରି ହେଲା
କାଟିଦେଇ ଗଛ
ଭାବିଲେନି କେହି କାହା
ହିତ ଆଗ ପଛ ।

ବଣବୁଦା ଗଛୁ ଖୋଜି
ଖାଇବାକୁ କୋଳି
ସମୟତ ନାହିଁ ଆଜି
ବାନ୍ଧିବାକୁ ମେଳି ।

କାଗଜର ଡ଼ଙ୍ଗାଟିଏ
ଭସାଇବା ପାଇଁ
ଆକଟ କରନ୍ତି ବାପା
ଅପା ବୋଉ ଭାଇ ।

ସକାଳଠୁ ସଞ୍ଜ ଖାଲି
ବିତେ ପଢାକାମେ
କେତେ ଅସହାୟ ଆଜି
କୁନିପିଲା ଆମେ ।

ଟେକା ଫିଙ୍ଗି ଝାଡୁଥିଲୁ
ଆମ୍ବ ବରକୋଳି
କାଟୁଥିଲୁ ସମୟକୁ
ବୋହୁଚୋରି ଖେଳି ।

ଶୁଣୁଥିଲୁ କାଉ ବଣି
କୋଇଲିର ଗୀତ
କାଟୁଥିଲୁ ଥରି ଥରି
ହାଡ଼ଥରା ଶୀତ ।

କେତେବେଳେ ପିଲାଦିନ
ଠକି ଗଲା ଚାଲି
ଝୁରୁ ତାକୁ ଖୋଜି ଖୋଜି
ପାରୁନାହୁଁ ଭୁଲି ।

+ କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

### ମାଆଠୁ ବଳି ମାଆ ସେ ଆମ...
**ରାମଚନ୍ଦ୍ର ବେହେରା**

ଯାହା କୋଳରେ ଜନମ ନେଇ
ଚାଲି ଶିଖିଲେ ଆମେ
ଖେଳ ଖେଳିଲେ ଗୀତ ଗାଇଲେ
ପାଠ ପଢିଲେ ଧ୍ୟାନେ।

ଖାଇବା ପାଇଁ ଦିଏ ସେ ଫଳ
ପନି ପରିବା ଶାଗ
ତା'ବିଲ ବାଡି ଯୋଗାଇ ଦିଏ
ଧାନ ଗହମ ମୁଗ।

ତାହାରି କୋଳେ ନଈ ପୋଖରୀ
ଗିରି ପର୍ବତମାଳା
ନୀଳ ଉଦ୍ଭିଦ ପ୍ରାଣୀ ଜଗତ
ଗଢେ ନକରି ହେଳା।

ଚଷା ପୁଅର ଦୁଃଖ ସେ ଶୁଣି
ଡାକି ଆଣଇ ମେଘ
ଗ୍ରୀଷମ କାଳେ ଗରମୀ ଦିଏ
ଶୀତରେ ଥଣ୍ଡା ପାଗ।

ବାସ ଆହାର ବସନ ଦେଇ
ଆମରି ସେବା କରେ
ରାଗେନି କେବେ ଆମ ଉପରେ
ମୁଖେ ତା'ହସ ଝରେ।

ମାଆଠୁ ବଳି ମାଆ ସେ ଆମ
ମମତା ଦିଏ ଭରି
ସେ ପରା ଅଟେ ବସୁଧା ମାଆ
କେ' ହେବ ତା'ର ସରି।

ଜୀବନେ କେବେ ଭୁଲି ହେବନି
ତା'ର ମହତ ସେବା
ଆସ ତାହାକୁ ନିର୍ମଳ ରଖି
ସମ୍ମାନ ତାକୁ ଦେବା।

+ ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୫୩୪୬

### ବଢ଼ିବା ଯେତେ ପଢିବା ସେତେ
**ନୀଳମଣି ଚାନ୍ଦ**

ଗୋଲ୍ ଗୋଲ୍ ପୃଥିବୀ ଗୋଲ୍
କମଳା ଲେମ୍ବୁ ପରି
କେତେ ବଡ଼ ସେ ହୁଏନି ଜମା
କଳପନାଟି କରି।

ଜାଣେନି କିଏ ଧରାପୃଷ୍ଠରେ
ତିନିଭାଗଟି ଜଳ
ସ୍ପଷ୍ଟ ହୋଇଲା ଆଉ ଭାଗେଟି
ନାଆଁଟି ତା'ର ସ୍ଥଳ।

ସୂର୍ଯ୍ୟ ପରା ନକ୍ଷତ୍ରଟିଏ
ପୃଥିବୀ ତା'ର ଗ୍ରହ
ନିଶିରେ ଆସେ ଯେଉଁ ଚନ୍ଦ୍ରଟି
ସେ ଧରା ଉପଗ୍ରହ।

ଭୂଗୋଳ, ମହାକାଶ ବିଜ୍ଞାନ
ପାଠର କଥା ଇଏ
ଆହୁରି ଅଛି ପାଠ ଅନେକ
କହନ୍ତି ବଡ଼ ଯିଏ।

ବଢ଼ିବା ଯେତେ ପଢିବା ସେତେ
ବଢିବ ବୁଦ୍ଧି ଜ୍ଞାନ
ଜ୍ଞାନ ସମର ହୋଇ୍ବ ଯେବେ
ରହିବ ଆମ ମାନ।

+ ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

### ଥର ଥର କରି
**କୀର୍ତ୍ତନ ସାହୁ**

ଥର ଥର କରି ମାଟି ବୋହି ବୋହି
ଟିକି ଉଇ ହୁଙ୍କା ଗଢ଼େ
ନିଜ ଖାଦ୍ୟ ନିଜେ ଯୋଗାଡ ପାଇଁକି
କାମରେ ତାହାର ଜଡେ।

ବାଇଚଢେଇଟି ଥର ଥର କରି
କାଠି କୁଟା ଘାସ ନିଏ
ଧୀରେ ଧୀରେ କରି ବସାଟି ତାହାର
କି ସୁନ୍ଦର ଗଢି ଦିଏ।

ଥର ଥର କରି ପଢ଼ି ଉଠି ଆମ
କୁନି ପୁଅ ଠିଆ ହୁଏ
ଖନ ଖନ କରି କଥା କହୁ କହୁ
ଦିନେ ଭଲ କଥା କୁହେ ।

ଥର ଥର କରି ଛୁଆକୁ ଖୁଆଇ
ଦିଅନ୍ତି ମା ପେଟ ଭରି
ଆଦର ଯତନ ଯେମିତି କରନ୍ତି
କିଏ ହେବ ମାଆ ପରି ?

ଥର ଥର କରି ଅଭ୍ୟାସ କରିଲେ
ରହିବନି କିଛି କଷ୍ଟ
ପ୍ରଥମରୁ ବୁଝି ନ ପାରିବା କଥା
ହେବ ଦିନେ ପୁଣି ସ୍ପଷ୍ଟ।

+ ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ସକାଳୁଆ ସ୍କୁଲ
**ନିରଞ୍ଜନ ସାହୁ**



ସକାଳୁଆ ସ୍କୁଲ ହୋଇଗଲା ଏବେ
ଖରା ହୋଇବାରୁ ଟାଣ
ଧୀରେଧୀରେ ଧରା ଉତ୍ତପ୍ତ ହୋଇବ
ଏକଥା ମନକୁ ଆଣ ।

ସକାଳୁ ସଅଳ ଉଠିପଡ଼ି ଆମେ
ତୁରନ୍ତ ପ୍ରସ୍ତୁତ ହେବା
ନିର୍ଦ୍ଦିଷ୍ଟ ସମୟେ ସ୍କୁଲରେ ପହଞ୍ଚି
ଆମେ ଉପସ୍ଥାନ ଦେବା ।

ପରୀକ୍ଷା ସରିଛି ଫଳ ବାହାରିଛି
ଉତ୍ତୀର୍ଣ୍ଣ ହୋଇଛେ ଆମେ
ଉପର ଶ୍ରେଣୀରେ ଆମ ଉପସ୍ଥିତି
ମନ ଥିବ ପଢା କାମେ ।

ନୂଆବହି ସାଥେ ପରିଚିତ ହେବା
କରିବା ନୂତନ ଖାତା
ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଛି
ସାହା ପ୍ରଭୁ ବିଦ୍ୟାଦାତା ।

ନୂଆ ଶ୍ରେଣୀ ହେତୁ ନୂଆ ଶିକ୍ଷାଗୁରୁ
କରିବେ ଯେ ଶିକ୍ଷାଦାନ
ଗୁରଙ୍କ ଚରଣେ ଭକତି ଅର୍ପଣ
ରଖିବା ତାଙ୍କଠି ଧ୍ୟାନ ।

ନୂତନ ବିଷୟ ସହିତ ଆମର
ନୂଆ ପରିଚୟ ହେବ
ଧୀରେଧୀରେ ପାଠ ସହଜ ଲାଗିବ
ପାଠକୁ ଯେ ଧ୍ୟାନ ଦେବ ।

ବିଦ୍ୟାଳୟ ଛୁଟି ହୋଇଯିବା କ୍ଷଣି
କରିବାନି ଜମା ଡେରି
ଖରାର ପ୍ରଭାବ ଯେହେତୁ ବଢିବ
ସଅଳ ଆସିବା ଫେରି ।

ଆଉ କିଛିଦିନ ଚାଲିଗଲା ପରେ
ହେବ ଖରାଦିନ ଛୁଟି
ପାଠରୁ ଟିକିଏ ହାଲୁକା ମିଳିବ
ନାନା ଖେଳ ଯିବ ଜୁଟି ।

+ ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ ) ୯୯୩୮୭୪୧୫୮୩

# ଖଣି ମୁହଁରେ ଜରଡ଼ା ଗାଁ: ବିସ୍ଫୋରଣରେ ଥରୁଛି, ଜମି ଅଧିଗ୍ରହଣକୁ ୨୯ ବର୍ଷ, ବିସ୍ଥାପନ ନୋହିଲା



କଣିହାଁ, ୫/୪ (ନି.ପ୍ର): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ଜରଡ଼ା ଗାଁ କଣିହାଁ ଖୋଲାମୁହଁ କୋଇଲା ଖଣିଠାରୁ ମାତ୍ର ୫ ଶହ ମିଟର ଦୂରରେ ଅବସ୍ଥିତ। ଖଣିରେ ହେଉଥିବା ଡିନାମାଇଟ୍ ବିସ୍ଫୋରଣ, ଖଣିଜନିତ ପ୍ରଦୂଷଣରେ ଗ୍ରାମବାସୀ ଅତିଷ୍ଠ। ସେମାନଙ୍କୁ ବିସ୍ଥାପନ କରିବାକୁ ଜରଡ଼ା ଗ୍ରାମବାସୀ ଦାବି କରିଆସୁଛନ୍ତି। ସେମାନଙ୍କୁ ବିସ୍ଥାପନ କରି ଅନ୍ୟତ୍ର ଥଇଥାନ ପାଇଁ ଖଣି କର୍ତ୍ତୃପକ୍ଷ ସ୍ଥିର ମଧ କରିଛନ୍ତି। କିନ୍ତୁ ବିସ୍ଥାପନ କରୁନାହାନ୍ତି। ଏହାର ପ୍ରତିବାଦରେ ଜରଡ଼ା ଗ୍ରାମବାସୀ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଖଣିରେ କୋଇଲା ଖନନ ପାଇଁ ଡିନାମାଇଟ୍ ବିସ୍ଫୋରଣ କରାଯାଉଛି। ଫଳରେ ଗାଁ ଥରିଉଠୁଛି। କେତେକ ଘର ଫାଟି ଆଁ କଲାଣି। କେତେକ ଘର ଭାଙ୍ଗି ପଡ଼ିଥିବା ଦେଖାଯାଇଛି। ସାମାନ୍ୟ ପବନହେଲେ ଖଣି ଅଞ୍ଚଳରୁ କୋଇଲା ଗୁଣ୍ଡ ଉଡ଼ି ଲୋକଙ୍କ ଘରେ ପଡୁଛି। ପ୍ରଦୂଷଣ ଯୋଗୁଁ ଗ୍ରାମବାସୀ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସେମାନେ ବର୍ଷ ବର୍ଷ ଧରି ଆତଙ୍କିତ ଅବସ୍ଥାରେ ରହୁଛନ୍ତି। କୋଇଲା ଖଣି ପାଇଁ ଜରଡ଼ା ଗାଁର ଜମି ୧୯୯୫ ମସିହାରେ ଅଧିଗ୍ରହଣ କରାଯାଇଛି। ଜମି ଅଧିଗ୍ରହଣ କରିବାର ୩ ବର୍ଷ ମଧ୍ୟରେ ଲୋକଙ୍କୁ ନିଯୁକ୍ତି, କ୍ଷତିପୂରଣ ଦେଇ ବିସ୍ଥାପିତ କରିବା କଥା, ମାତ୍ର ଏହା ଭିତରେ ୨୯ ବର୍ଷ ବିତିଯାଇଥିଲେ ବି ସେମାନଙ୍କୁ ଏପର୍ଯ୍ୟନ୍ତ ବିସ୍ଥାପିତ କରାଗଲା ନାହିଁ। ଗ୍ରାମବାସୀଙ୍କର ବାକି ଥିବା ଜମି ବାବଦ କ୍ଷତିପୂରଣ, ଘର, ଗଛ ପାଇଁ କ୍ଷତିପୂରଣ ଓ ନିଯୁକ୍ତି ଦିଆଯିବାକୁ ଗ୍ରାମବାସୀ ଦାବି କରୁଛନ୍ତି। ସେମାନଙ୍କୁ ବିସ୍ଥାପିତ କରିବା ପାଇଁ ଗ୍ରାମବାସୀ ଅନେକ ଥର ଖଣି କର୍ତ୍ତୃପକ୍ଷ, ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନେକ ଥର ଆନ୍ଦୋଳନ କରିଛନ୍ତି। ସେମାନଙ୍କୁ ବିସ୍ଥାପିତ କରାଯିବ ବୋଲି ଖଣି କର୍ତ୍ତୃପକ୍ଷ ପ୍ରଶାସନର ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଗଲାନାହିଁ। ଅନ୍ୟପକ୍ଷରେ ପଥରମୁଣ୍ଡା ଗାଁରେ କଲୋନି କରି ସେଠାରେ ଜରଡ଼ା ଗ୍ରାମବାସୀଙ୍କୁ ଥଇଥାନ କରିବେ ବୋଲି ଖଣି କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି। ପଥରମୁଣ୍ଡା ଗାଁ କଣିହାଁ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ। ଏହି ଗାଁର କିଛି ପରିବାର ଖଣି ପକ୍ଷରୁ ନିଯୁକ୍ତି ପାଇଥିବା ବେଳେ କିଛି ପରିବାର ନିଯୁକ୍ତି ପାଇନାହାନ୍ତି। ଯେଉଁମାନେ ନିଯୁକ୍ତି ପାଇନାହାନ୍ତି, ସେମାନେ ନିଯୁକ୍ତି ଦାବିରେ ତାଙ୍କ ଜମି ଉପରେ ବସି ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଜରଡ଼ା ଗ୍ରାମବାସୀଙ୍କୁ ସେଠାରେ ଥଇଥାନ କରିବାରେ ଏହି ଘଟଣା ପ୍ରତିବନ୍ଧକ ସାଜିଛି। ପଥରମୁଣ୍ଡା ଗାଁର ଯେଉଁ ଲୋକମାନେ ନିଯୁକ୍ତି ପାଇନାହାନ୍ତି, ନିଯୁକ୍ତି ନମିଳିବା ପର୍ଯ୍ୟନ୍ତ ସେମାନଙ୍କ ଜମିରେ କେଉଁସି ଲୋକଙ୍କୁ ବାସ କରିବାକୁ ଦେବେନାହିଁ ବୋଲି ସେମାନେ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

# ଗହୀରମଥାରେ ଅଲିଭରିଡଲେଙ୍କ ଗଣଅଣ୍ଡାଦାନ ଆରମ୍ଭ



ରାଜନଗର, ୫/୪ (ନି.ପ୍ର): ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଏନ୍ତୁଡିଶାଳ କେନ୍ଦ୍ରାପଡା ଉପକୂଳର ଗହୀରମଥାରେ କଇଁଛଙ୍କ ଗଣଅଣ୍ଡାଦାନ ପକ୍ରିୟା ଆରମ୍ଭ ହୋଇଛି। ପ୍ରତିକୂଳ ପାଗ ଯୋଗୁଁ ଚଳିତବର୍ଷ ଗଣଅଣ୍ଡାଦାନ ହେବ କି ନାହିଁ, ଆଶଙ୍କା ପ୍ରକାଶ ପାଇଥିଲା। ମାର୍ଚ୍ଚ ମାସ ସରି ଯାଇଥିବାରୁ ଚଳିତବର୍ଷ ଅଲିଭରିଡଲେ କଇଁଛ ଅଣ୍ଡା ନଦେଇ ଫେରିଯିବେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ମାତ୍ର ଗତକାଲି ସଂଧ୍ୟାରେ ଗହୀରମଥାରେ ଗଣଅଣ୍ଡାଦାନ ପକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୮୦ ହଜାର କଇଁଛ ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଅଲିଭରିଡଲେ ମାଆ କଇଁଛମାନେ କୂଳଠାରୁ ୧ କିମି ଭିତରେ ଦୀର୍ଘ ୨ମାସ ହେଲା ଭିଡ ଜମାଇଥିଲେ ମଧ ପାଗ ଅନୁକୂଳ ହେଉନଥିବାରୁ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହେଉନଥିଲେ। ଚଳିତମାସ ୩ ତାରିଖ ଠାରୁ ପାଗ ଶୃଙ୍ଖଳା ସାଙ୍ଗକୁ ଦକ୍ଷିଣା ପବନ ବୋହିବାରୁ ଗୋଟିଏ ଦିନରେ ୮୦ ହଜାର ମା' ଅଲିଭରିଡଲେ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି। ଗତକାଲି ସଂଧ୍ୟାରୁ କଇଁଛ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଉଠି ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ଭୋର ଯାଏଁ ଏହି ପକ୍ରିୟା ଜାରି ରହିଥିଲା। ଏହି ଅଣ୍ଡା ଗୁଡିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ଅଲିଭରିଡଲେ କଇଁଛଙ୍କ ଗଣଅଣ୍ଡାଦାନ ପକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ବ୍ୟବସ୍ଥା କଡାକଡି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ଼ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଗହୀରମଥା ରେଂଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

# ବେଲପଦର ଆଶ୍ରମର ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ : ଅବହେଳା ଯୋଗୁଁ ମୃତ୍ୟୁ ନେଇ ଗୋଛାପଡା ଥାନାରେ ଅଭିଯୋଗ କଲେ ପିତା

କନ୍ଧମାଳ, ୫/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ ପଂଚାୟତର ବେଲପଦର ଆଶ୍ରମ ସ୍କୁଲରେ ଗୋଛାପଡା ଅଂଚଳର କାଲିମୁଣ୍ଡା ଗ୍ରାମର ଶୁଭଲକ୍ଷ୍ମୀ ଦେହୁରୀ, ଆଶ୍ରମରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଗତ ୨ ତାରିଖ ଦିନ ତାର ଦେହ ଖରାପ ହେବାରୁ ମେଡିକାଲରେ ଭର୍ତି କରାଯାଇଥିଲା। ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନାବାଳିକାର ପିତା ଗୋଛାପଡା ଥାନାରେ ଏତଲା ଦେଇଥିଲେ। ଯାହା ସୂଚନା ରହିଛି କିଛିଦିନ ପୂର୍ବରୁ ଅର୍ଥାତ ଏପ୍ରିଲ ୧ ତାରିଖରୁ ତାର ଦେହ ସାମାନ୍ୟ ଅସୁସ୍ଥ ରହୁଥିଲା। ଗତ ୨ ତାରିଖ ମଙ୍ଗଳବାର ଦିନ ଦେହ ଭିଷଣ ଖରାପ ଥିବା ନେଇ ଖବର ପାଇ ପରିବାର ଲୋକେ ସ୍କୁଲରେ ପହଂଚି ତାଙ୍କ ଝିଅକୁ ଭେଟିବା ସହ ଛାତ୍ରାବାସ ଦାୟିତ୍ୱରେ ଥିବା ଦିଦିଙ୍କୁ ଝିଅକୁ ନେବା ପାଇଁ କହିଥିଲେ। ହେଲେ ଦିଦି ଛାତ୍ରୀଙ୍କୁ ଘରକୁ ଯିବା ପାଇଁ ଛାଡି ନଥିଲେ । ଫଳରେ ପରିବାର ଲୋକେ ନିରାଶ ହୋଇ ଘରକୁ ଫେରିଥିଲେ । ସେହିଦିନ ରାତିରେ ନାବାଳିକାର ଦେହ ଭିଷଣ ଖରାପ ହେବାରୁ ଆଶ୍ରମର ଦିଦି ମାନେ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନେଇଥିଲେ । ତା ପର ଦିନ ସକାଳ ୮ ଟା ବେଳେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଖବର ପାଇ ଗୋଛାପଡା ଥାନା ପୋଲିସ ଡାକ୍ତରଖାନା ରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ୪/୨୦୨୪ ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଝିଅର ମୃତ୍ୟୁ ଖବର ପାଇ ଛାତ୍ରୀଙ୍କ ପରିବାର ଲୋକେ,ଡାକ୍ତରଖାନା ରେ ପହଞ୍ଚିବା ପରେ ପୋଲିସ ଶବକୁ ବ୍ୟବଚ୍ଛେଦ ପରେ ତାଙ୍କୁ ହସ୍ତାନ୍ତର କରିଥିଲା। ତେବେ ଅବହେଳା ଯୋଗୁଁ ତାଙ୍କ ଝିଅର ମୃତ୍ୟୁ ଘଟିଛି ବୋଲି ମୃତ ଛାତ୍ରୀ ଶୁଭଲକ୍ଷ୍ମୀ ଦେହୁରୀଙ୍କ ପିତା ଅନନ୍ତ ଦେହୁରୀ ଅଭିଯୋଗ କରିବା ସହିତ ଗୋଛାପଡା ଥାନା ରେ ଏକ ଏତଲା ଦେଇଥିବା ଜଣାପଡିଛି। ହେଲେ ଛାତ୍ରୀଙ୍କ ମୃତ୍ୟୁ ବାବଦରେ ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା ବେଲପଦର ଆଶ୍ରମ ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ କୌଣସି ସୂଚନା ଦେଇ ନାହାନ୍ତି।

## ଗଞ୍ଜାମ ଦାଦନ ଶ୍ରମିକଙ୍କ ଘରବାହୁଡ଼ା

ଗଞ୍ଜାମ, ୫/୪ (ନି.ପ୍ର): ସାଧାରଣ ନିର୍ବାଚନ ପାଖେଇ ଆସୁଛି । ନିର୍ବାଚନ ବିଗୁଲବାଜି ପ୍ରଚାର ମଧ ଆରମ୍ଭ ହୋଇ ଗଞ୍ଜାମ ଜିଲା ଚଳଚଂଚଳ ହେଲାଣି । ଅନ୍ୟପକ୍ଷରେ ଗାଁ ଠାରୁ ଆରମ୍ଭ ହୋଇ ସହରଯାଏ ସବୁ ସ୍ଥାନରେ ଶହସ୍ରାଧିକ ଦଣ୍ଡ ଯାତ୍ରା ଜିଲାର ପରିସ୍ଥିତିକୁ ସରଗରମ କରୁଛି। ଦଣ୍ଡଯାତ୍ରା ମେଷ ସଂକ୍ରାନ୍ତି ଦିନ ଉଦଯାପିତ ହେବାପରେ ନିର୍ବାଚନ ପ୍ରଚାର ଧୂମଧାମରେ ଆରମ୍ଭ ହୋଇଯିବ। ଏହି ଅବସରରେ ଅନ୍ୟ ରାଜ୍ୟ ତଥା ସୁରତ, ବାଂଗାଲୋର, ମୁମ୍ବାଇ, କେରଳ, ତାମିଲନାଡୁଓ ଚେନ୍ନାଇରୁ ପ୍ରତ୍ୟେ ହହଜାର ହଜାର ଗଞ୍ଜାମ ର ଦାଦନ ଶ୍ରମିକ ଟ୍ରେନ୍ ଓ ବସ ଦ୍ୱାରା ଘରକୁ ଫେରୁଛନ୍ତି । ସୁରତରୁ ବହ୍ମପୁର ଆସୁଥିବା ଟ୍ରେନ ପୁରାଭର୍ତି ହୋଇଆସୁଛି। ଖବର ନେବାରେ ଜଣାପଡିଛି ଆସନ୍ତା ଦୁଇ ମାସ ଯାଏ ସୁରତ ଓ ମୁମ୍ବାଇରୁ ଆସୁଥିବା ଟ୍ରେନ୍ ରେ ସଂରକ୍ଷିତ ଟିକଟ ନାହିଁ । ଏଣୁ ପୂର୍ବ ନିର୍ବାଚନ ଭଳି ଚଳିତ ଥର ମଧ ଗଞ୍ଜାମ ଜିଲାର ନେତାମାନେ ବସ୍ ଓ ଅନ୍ୟ ଗାଡି ସହାୟତାରେ ପ୍ରବାସୀ ଓଡିଆଙ୍କୁ ଘରକୁ ଆଣିବେ ବୋଲି ଅନୁମାନ କରାଯାଉଛି ।

# ନେତା, ଅଧିକାରୀଙ୍କ ନିଦ ହଜାଇବ 'ସି-ଭିଜିଲ୍' ଆପ୍: ସାରା ରାଜ୍ୟରୁ ଆସିଲାଣି ୧୮୦୦ ଅଭିଯୋଗ




ଭୁବନେଶ୍ୱର, ୫/୪ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ଭାରତ ନିର୍ବାଚନ କମିସନଙ୍କ ସି-ଭିଜିଲ୍ ଆପ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ଆପ୍‌ରେ ଯେକୌଣସି ସ୍ଥାନରେ ସାଧାରଣ ଲୋକଟିଏ ବି କୌଣସି ନେତା ଓ ଅଧିକାରୀଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ନେଇ ଅଭିଯୋଗ କରିପାରିବ। ଅଭିଯୋଗ ହେବାର ୧୦୦ମିନିଟ ଭିତରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେଉଛି। ପ୍ରଥମ ଥର ପାଇଁ ଏହିଭଳି ପଦକ୍ଷେପ ଆରମ୍ଭ ହୋଇଥିବାବେଳେ ଏବେ ସାଧାରଣ ଲୋକ ଏହାର ଭରପୂର ଫାଇଦା ନେଲେଣି। ସ୍ଥିତି ଏପରି ହୋଇଛି ଯେ ଗାଁ ଗାଁରେ ସି-ଭିଜିଲ୍ ଆପ୍ ପାଇଁ ବହୁ ନେତା ଅଳକରେ ପଡ଼ିଲେଣି। ଏପ୍ରିଲ ୩ତାରିଖ ସୁଦ୍ଧା ଓଡ଼ିଶାରେ ୧୮୦୦ରୁ ଅଧିକ ନିର୍ବାଚନ ସମ୍ପର୍କିତ ଅଭିଯୋଗ ସି-ଭିଜିଲ୍ ଆପ୍ ମାଧ୍ୟମରେ ହୋଇଥିବାବେଳେ ଏଥିରୁ ୯୯% ଅଭିଯୋଗର ସମାଧାନ ହୋଇଛି। ଏପରିକି ୮୯% ଅଭିଯୋଗ କ୍ଷେତ୍ରରେ ପୁଲିସ ଘଟଣାସ୍ଥଳରେ ୧୦୦ମିନିଟ ଭିତରେ ପହଞ୍ଚିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଯଦି କୌଣସି ସ୍ଥାନରେ ଗଣ୍ଡଗୋଳ ବା ହିଂସାକାଣ୍ଡ ହେଉଛି, କେହି ନେତା ବା ଅଧିକାରୀ ମଦ, ନିଶା ସାମଗ୍ରୀ, ଟଙ୍କା ବା ପ୍ରଲୋଭନ କରିବାକୁ କୌଣସି ସାମଗ୍ରୀ ବାଣ୍ଟୁଥିବା ନଜରକୁ ଆସିବ ସେନେଇ ସିଭିଜିଲ୍ ଆପ୍ ମାଧ୍ୟମରେ ଅଭିଯୋଗ କରିହେବ। ଏଥିପାଇଁ ମୋବାଇଲ୍‌ରେ ସି-ଭିଜିଲ୍ ଆପ୍ ଡାଉନଲୋଡ୍ କରି ଫଟୋ, ଭିଡ଼ିଓ କିମ୍ବା ଭଏସ୍ ରେକର୍ଡ କରି ପଠାଇବାର ସୁବିଧା ଅଛି। ମୋବାଇଲ୍‌ରେ ଲୋକେସନ୍ ଅନ୍ ଥିଲେ ଜିପିଏସ୍ ମାଧ୍ୟମରେ ଉକ୍ତ ସ୍ଥାନର ଲୋକେସନ୍ ବି ଅଭିଯୋଗ ସହିତ ଯୋଡ଼ି ହୋଇଯାଉଛି। ଫଳରେ ପୁଲିସ ବିନା ଦ୍ୱିଧାରେ ଘଟଣାସ୍ଥଳରେ ପହଞ୍ଚିପାରୁଛି। କେବଳ ଏତିକି ନୁହେଁ, କୌଣସି ସରକାରୀ ଅଧିକାରୀ ଯଦି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନଜରକୁ ଆସେ ସେନେଇ ବି ଏଥିରେ ଅଭିଯୋଗ କଲେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବାର ନିୟମ କରାଯାଇଛି। ତେଣୁ ଏବେ ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ରାଜନୈତିକ ଦଳର କର୍ମୀ, ଭୋଟର ଏହାର ଭରପୂର ଫାଇଦା ଉଠାଇବା ଆରମ୍ଭ କଲେଣି। ସି-ଭିଜିଲ୍ ଆପ୍ ମାଧ୍ୟମରେ ବିଭିନ୍ନ ଦଳର ନେତା ଓ ଅଧିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାର ସୁବିଧା ଥିବାରୁ ଏବେ ବିଭିନ୍ନ ରାଜନୈତିକ ଦଳ ଏହାର ଫାଇଦା ଉଠାଇବାକୁ ଆଗଭର ହେଉଛନ୍ତି। ଏଥିପାଇଁ ଆଗଧାଡ଼ିର କର୍ମୀଙ୍କୁ ସି-ଭିଜିଲ୍ ଆପ୍‌ର ବ୍ୟବହାର ନେଇ ତାଲିମ୍ ଦେବାକୁ ନିଷ୍ପତ୍ତି ହୋଇଛି। ସି-ଭିଜିଲ୍ ଆପ୍‌ର ବ୍ୟବହାର ନେଇ ବିଭିନ୍ନ ରାଜନୈତିକ ଦଳର ପ୍ରସ୍ତୁତି ଦେଖିଲେ ଲାଗୁଛି ଏହି ଆପ୍ ଆଗାମୀ ଦିନରେ ନେତା ଓ ଅଧିକାରୀଙ୍କ ନିଦ ହଜାଇବ।

# କଦମପଡା ଶିଶୁମନ୍ଦିରର ଶିଶୁବାଟିକାରେ ପ୍ରଥମ ଦିନୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର , ୫/୪ (ନି.ପ୍ର): ଗୁରୁବାର ,ବଲାଙ୍ଗୀର,ଆଜି କଦମପଡା ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଶିଶୁବାଟିକା ବିଭାଗରେ ନୂତନ ଭାବରେ ଶିଶୁବାଟିକାରେ ନାମ ଲେଖାଇ ଥିବା ଶିଶୁଙ୍କ " ପ୍ରଥମ ଦିନୋତ୍ସବ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ୮୦ଜଣ ଶିଶୁ ଓ ୧୬୦ଜଣ ଅଭିଭାବକ ଯୋଗଦେଇ ଥିଲେ । ବିଦ୍ୟାଳୟର ସହପ୍ରଧାନାଚାର୍ଯ୍ୟ ତ୍ରିନାଥ କଅଁର, ଉପସଭାପତି ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପଣ୍ଡା, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରକାଶ ତରିଆ, ଶିଶୁ ବାଟିକା ପ୍ରମୁଖ ଶ୍ରୀମତୀ ବିଦ୍ୟୁତରେଖା କର, ଗୁରୁମା ଗୁରୁଜୀ ତଥା ଶିଶୁବୋଧ ଶ୍ରେଣୀର ଶିଶୁ ନୂତନ ଶିଶୁଙ୍କୁ ସ୍ୱାଗତ କରିଥିଲେ ।ନୂତନ ଶିଶୁ ବିଦ୍ୟାଳୟରେ ପ୍ରବେଶ କରିବାପରେ ବିଧିଅନୁସାରେ ପୂଜାହୋମ କରାଯାଇଥିଲ। ଶେଷରେ ବିଦ୍ୟାଳୟ ର ବ୍ୟବସ୍ଥା ଆଧାରିତ ସୂଚନା, ଶିଶୁବାଟିକାର ୧୨ଟି ଶୈକ୍ଷିକ ବ୍ୟବସ୍ଥା। ନିରୀକ୍ଷଣ ଓ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।ସମସ୍ତ ଗୁରୁଜୀ ଗୁରୁମା,ସେବକ ଓ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଟି ସଫଳତାର ସହିତ ସମାପନ ହୋଇଥିଲା ।

# ଘାରିଛି 'ଚିଲିକା' ଚିନ୍ତା: ବିପଦରେ ଭାତହାଣ୍ଡି, ଦାଦନମୁହାଁ ମତ୍ସ୍ୟଜୀବୀ



ଟାଙ୍ଗୀ, ୫/୪ (ନି.ପ୍ର): ଚିଲିକାକୁ ଚାରିଆଡୁ ବିପଦ। ଜଳ ପ୍ରଦୂଷଣ ହେଉ ଅବା ପଟୁ ମାଟିରେ ଚିଲିକା ପୋତି ହେବା ଘଟଣା, ଅଥବା ଚିଲିକା ଜଳରାଶିରେ ନଳଘାସ ଚରିଯିବା ଘଟଣା, ପ୍ରତ୍ୟେକଟି କାରଣ ଚିଲିକା ମତ୍ସ୍ୟଜୀବୀଙ୍କ ପ୍ରତି ବିପଦ ଠିଆ କଲାଣି। ଚିଲିକାର ମତ୍ସ୍ୟ ସମ୍ପଦ ଧୀରେଧୀରେ ହ୍ରାସ ଘଟିଲାଣି। ଚିଲିକା କୂଳିଆ ହଜାର ହଜାର ମତ୍ସ୍ୟଜୀବୀ ପରିବାରର ଭାତହାଣ୍ଡି କୁହାଯାଉଥିବା ଚିଲିକା ଜଳରାଶିରେ ମତ୍ସ୍ୟ ସମ୍ପଦର ହ୍ରାସ ଘଟଣା ମତ୍ସ୍ୟଜୀବୀଙ୍କ ପେଟ ପାଟଣାକୁ ଏମିତି ପ୍ରଭାବିତ କରିଛି ଯେ, ମାଛ ଧରିବାର କୌଳିକ ବୃତ୍ତିକୁ ଛାଡ଼ି ମତ୍ସ୍ୟଜୀବୀ ଏବେ ଦାଦନ ମୁହାଁ ହେଲେଣି।

ସୂଚନା ମୁତାବକ, ଓଡ଼ିଶାର ତିନି ଉପକୂଳ ଜିଲ୍ଲା ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର ଭୌଗୋଳିକ ପରିବେଶକୁ ନେଇ ଚିଲିକା। ୧୯୫୦ ମସିହାର ସର୍ଭେ ଅନୁସାରେ ଏହି ତିନୋଟି ଜିଲ୍ଲାର ପ୍ରାୟ ୧୧୫୦ବର୍ଗ କିଲୋମିଟର ଯାଏ ଚିଲିକା ବ୍ୟାପ୍ତ ଥିଲା। ୨୦୧୯ ମସିହାରେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଚିଲିକାର ଆୟତନ ମପା ଯାଇଥିଲା। ଚେନ୍ନାଇ ସ୍ଥିତ ନ୍ୟାସନାଲ ସେଣ୍ଟର ଫର ସଷ୍ଟେନେବୁଲ୍ କୋଷ୍ଟାଲ୍ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ଏହାର ମ୍ୟାପ୍ ତିଆରି କରି ଏକ ହଜାର ୯୪ବର୍ଗ କିଲୋମିଟରର ଆୟତନ ଘୋଷଣା କରିଛି। ଅର୍ଥାତ୍ ଚିଲିକାର ଆୟତନ ଖସିଛି। ସବୁଠାରୁ ସାଂଘାତିକ କଥା ଥିଲା, ଚିଲିକାର ଆୟତନ କମିବା ସହିତ ଶହେ ତିନି ବର୍ଗ କିଲୋମିଟର ଜାଗାରେ ନଳଘାସ ମାଡ଼ିଗଲାଣି। ଚିଲିକା ପୋତି ହେବା, ନଳଘାସ ମାଡ଼ିବା ଆଦି କାରଣରୁ ଚିଲିକାର ଆୟତନ ଯେମିତି ହ୍ରାସ ପାଉଛି, ସେହି ପରିମାଣରେ ମତ୍ସ୍ୟ ଉତ୍ପାଦନ ବି ତଳମୁହାଁ ହେଲାଣି। ଅତୀତରେ ଥରୁଟିଏ ଚିଲିକା ଭିତରକୁ ଡଙ୍ଗାଟିଏ ନେଇ ଗଲେ, ଯେଉଁ ପରିମାଣର ମାଛ ଧରା ହେଉଥିଲା, ଆଜି ତାହା ନାହିଁ। ମାଛ ଧରାରୁ ପେଟ ପୋଷିବା ଚିଲିକା କୂଳିଆ ମତ୍ସ୍ୟଜୀବୀଙ୍କ ପାଇଁ କାଠିକର ପାଠ ହୋଇଗଲାଣି। ନଳଘାସ ଯୋଗୁ ଚିଲିକା ଭିତରକୁ ଯିବା ବି କଷ୍ଟକର ବ୍ୟାପାର। ଜାଲ ପକାଇ ମାଛ ମାରିବା ଦୂରର କଥା, ଡଙ୍ଗା ଭିତରକୁ ଯାଇ ପାରୁନି। ଏମିତି ସ୍ଥିତିରେ ଗଲା କିଛିବର୍ଷ ହେଲା ନିଜର କୂଳ ବେଉସା ଛାଡ଼ି ଚିଲିକା କୂଳିଆ ପାରମ୍ପରିକ ମତ୍ସ୍ୟଜୀବୀ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଗଲେଣି। କାଳୁପଡ଼ା, ହାଟବରଡ଼ି, ସୋରଣ, ପାଣିଦୁଆର, ବାଲିପାଟପୁର, ମଙ୍ଗଳାଯୋଡି, ଭୂଷଣ୍ଡପୁର, ଜଗନ୍ନାଥପୁର ଉତ୍ତର ଚିଲିକା, ବୋରଗକୁଦ ପେଣ୍ଟ ଅଞ୍ଚଳରେ ଏ ସମସ୍ୟା ଅତି ତୀବ୍ର ହେଲାଣି।

# ଶିକ୍ଷା ଅଧିକାର ଅମାନ୍ୟ ଅଭିଯୋଗ: ୨୯ ଘରୋଇ ସ୍କୁଲକୁ ନୋଟିସ୍




ଭୁବନେଶ୍ୱର, ୫/୪ (ନି.ପ୍ର): ଶିକ୍ଷା ଅଧିକାର ଆଇନ (ଆରଟିଇ) ପାଳନ କରୁ ନ ଥିବା ରାଜଧାନୀର ୨୯ଟି ଘରୋଇ ସ୍କୁଲକୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି। ଆରଟିଇ ଅଧୀନରେ ଘରୋଇ ସ୍କୁଲର ୨୫% ସିଟ୍‌ରେ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ନାମଲେଖା ହେବାକଥା। ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନ୍ ଲଟେରି ଉଠାଣ ପରେ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବଣ୍ଟନ ହୋଇଥିଲେ ମଧ ସ୍କୁଲଗୁଡ଼ିକ ଯୋଗ୍ୟପ୍ରାର୍ଥୀଙ୍କ ନାମ ଲେଖାଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହା ଆଧାରରେ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପ୍ରଜ୍ଞା ପାରମିତା ଜେନା ଆଜି ଘରୋଇ ସ୍କୁଲଗୁଡ଼ିକର ଅଧକ୍ଷମାନଙ୍କୁ ନୋଟିସ୍ କରିବା ସହ ଯେତେଶୀଘ୍ର ସମ୍ଭବ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ ଚେତାବନୀ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ନୋଟିସ୍ ଜାରି ହୋଇଥିବା ଅଧିକାଂଶ ସ୍କୁଲ ଇଂରାଜୀ ମାଧ୍ୟମର। ଗୋଟିଏ ସଂସ୍ଥା ଦ୍ୱାରା ପରିଚାଳିତ ଖଣ୍ଡଗିରି, ସତ୍ୟନଗର, ସତ୍ୟବିହାର, କେଦାରଗୌରୀଠାରେ ଥିବା ସ୍କୁଲ ସମେତ ଆଉଏକ ସଂସ୍ଥାର ପଟିଆ ଓ ୟୁନିଟ୍-୮ରେ ଥିବା ସ୍କୁଲ, କଳିଙ୍ଗନଗର, ଡୁମୁଡୁମା, କଞ୍ଚନା ଅଞ୍ଚଳ, ପଟିଆ, ଝାରପଡ଼ାଠାରେ ଥିବା ଗୋଟିଏ ଲେଖାଏ ସ୍କୁଲକୁ ନୋଟିସ୍ ହୋଇଛି। ତେବେ ତାଲିକାରେ ୫ରୁ ଅଧିକ ଓଡ଼ିଆ ମାଧ୍ୟମ ସ୍କୁଲ ମଧ ରହିଛନ୍ତି। ସେଗୁଡ଼ିକ ଖଣ୍ଡଗିରି, କଳିଙ୍ଗବିହାର, ଲକ୍ଷ୍ମୀସାଗର, ଚନ୍ଦ୍ରଶେଖରପୁର ବିଡିଏ କଲୋନି, ୟୁନିଟ୍-୮, ପୋଖରୀପୁଟ, ପଟିଆ ଅଞ୍ଚଳର। ଆରଟିଇ ଫର୍ମ ଗ୍ରହଣ କରି ନ ଥିବା ଅନ୍ୟ ୩ଟି ସ୍କୁଲ ମଧ ଏହି ତାଲିକାରେ ରହିଛନ୍ତି। ସେପଟେ ନିୟମ ଉଲ୍ଲଂଘନ କରୁଥିବା ସ୍କୁଲଗୁଡ଼ିକ ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପିଲାଙ୍କୁ ସିଟ୍ ଆଲଟ୍ ହୋଇଥିଲେ ମଧ ସ୍କୁଲଗୁଡ଼ିକ ନାମଲେଖାଉ ନ ଥିବାରୁ ଗତକାଲି ଶତାଧିକ ଅଭିଭାବକ ବିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରି ନିରାଶ ହୋଇଥିଲେ। ତେଣୁ ସେମାନେ ନ'ତାଲାରେ ଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବାକୁ ଯୋଗାଯୋଗ କରିଥିଲେ। ତେବେ ସେଠାରୁ ମଧ ନିରାଶ ହେବା ପରେ ନବୀନ ନିବାସ ମୁହାଁ ହୋଇଥିଲେ। ଅଧାବାଟରେ ପୁଲିସ ସେମାନଙ୍କୁ ଅଟକାଇବା ପରେ ସେଠାରେ ପୁଲିସ ଜରିଆରେ ଅଭିଭାବକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଅଭିଯୋଗପତ୍ର ଦେଇଥିଲେ। ଏହାପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ରଙ୍କ ସହିତ ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଆଲୋଚନା କରିଥିଲେ। ବିଇଓଙ୍କଠାରୁ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ଆଜି ପୂର୍ବାହ୍ନରେ ମଧ ଅଭିଭାବକମାନେ ଭୁବନେଶ୍ୱର ବିଇଓଙ୍କ ନିକଟରେ ଫେରାଦ ହୋଇଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ଶିକ୍ଷା ଅଧିକାର ଆବାହିକା କଳ୍ପନା ସାହୁ, ବିମଳ ପ୍ରଧାନଙ୍କୁ ନେଇ ଏକ ପ୍ରତିନିଧି ଦଳ ବିଇଓଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ପାଇବା ପରେ ବିଇଓ ଶ୍ରୀମତୀ ଜେନା ନିୟମ ଉଲ୍ଲଂଘନ କରିଥିବା ସ୍କୁଲଗୁଡ଼ିକୁ ନୋଟିସ୍ କରିଛନ୍ତି। ତଥାପି ଯଦି ଛାତ୍ରଛାତ୍ରୀଙ୍କର ତୁରନ୍ତ ନାମଲେଖା ନ ହୁଏ, ତେବେ ବିଇଓଙ୍କ କାର୍ଯ୍ୟାଳୟରେ ତାଲା ପକାଯିବା ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟକାଳ ଧାରଣା ଦିଆଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# ଭାରତୀୟ ଜଳସୀମାରୁ ବାଂଲାଦେଶ ମାଛଧରା ବୋଟ୍ ଉଦ୍ଧାର




ପାରାଦୀପ, ୦୫/୪ (ନି.ପ୍ର): ଭାରତୀୟ ଜଳସୀମା ମଧ୍ୟକୁ ପଶି ଆସିଥିବା ବାଙ୍ଗଲାଦେଶର ଏକ ମାଛଧରା ବୋଟ୍ କୁ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ଦ୍ୱାରା ଉଦ୍ଧାର ହେବା ପରେ ବାଙ୍ଗଲା ଦେଶ ତଟରକ୍ଷୀ ବାହିନୀକୁ ହସ୍ତାନ୍ତରିତ କରାଯାଇଛି । ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ଜଣା ପଡିଛିଯେ, ଗୁରୁବାର ଦିନ ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ଅମୋଘ ଭାରତ-ବାଙ୍ଗଲା ଦେଶ ଆନ୍ତର୍ଜାତୀୟ ଜଳସୀମା ନିକଟରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଭାରତୀୟ ଜଳସୀମା ରେଖା ଭିତରେ ବାଙ୍ଗଲାଦେଶର ସାଗର-୨ ନାମକ ଏକ ମାଛଧରା ବୋଟ୍ ପଶି ଆସିଥିବାର ଦେଖିବାକୁ ପାଇଥିଲେ। ଅମୋଘ ଜାହାଜର କର୍ମଚାରୀମାନେ ସଂପୃକ୍ତ ମାଛଧରା ବୋଟ୍ ମଧ୍ୟକୁ ଯାଇ ତଦନ୍ତ କରିଥିଲେ। ସଂପୃକ୍ତ ମାଛଧରା ବୋଟ୍ଟି ଯାନ୍ତ୍ରିକ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ସେଠାରେ ତୁରନ୍ତ ମରାମତି କରାଯିବା ପରେ ବାଙ୍ଗଲାଦେଶୀ ମାଛଧରା ବୋଟ୍ଟିକୁ ବାଙ୍ଗଲାଦେଶର ତଟରକ୍ଷୀ ବାହିନୀକୁ ହସ୍ତାନ୍ତରିତ କରାଯାଇଥିଲା। ଏହି ବୋଟ୍ ରେ ମୋଟ୍ ୨୭ ଜଣ ମସ୍ତଜୀବୀ ଥିଲେ। ଉଭୟ ଦେଶର ଚୁକ୍ତିନାମା ଅନୁସାରେ ଭାରତୀୟ ତଟରକ୍ଷୀ ବାହିନୀ ବାଙ୍ଗଲାଦେଶର ତଟରକ୍ଷୀ ବାହିନୀକୁ ହସ୍ତାନ୍ତରିତ କରଯାଇଥିବା ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି।

# ସମ୍ବଲପୁରରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା

ସମ୍ବଲପୁର, ୦୫/୪ (ନି.ପ୍ର): ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇଏଏସ୍ ନିକୁଞ୍ଜ ବିହାରୀ ଧଳ ଆଜି ସମ୍ବଲପୁର ଠାରେ ଚାରୋଟି ଲୋକସଭା ସଂସଦୀୟ କ୍ଷେତ୍ରରେ ହେବାକୁ ଥିବା ସାଂସଦ ଓ ବିଧାନସଭା ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା କରିବା ଓ ଆଦର୍ଶ ଆଚରଣ ବିଧି ପାଳନ କରିବା ପାଇଁ ସେ ଉପସ୍ଥିତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭୋଟରମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରିବାକୁ ସେ ଜୋର୍ ଦେଇଥିଲେ। ନିର୍ବାଚନ ପରିଚାଳନା ଅଧିକାରୀ, କର୍ମଚାରୀ ଏବଂ ଭ୍ରାମ୍ୟମାଣ ଟିମ୍ ର ସୁବିଧା ପ୍ରତି ଦୃଷ୍ଟି ଦେବା ସହିତ ଦିବ୍ୟାଙ୍ଗ ମତଦାତା ଏବଂ ବରିଷ୍ଠ ନାଗରିକ ମତଦାତାମାନଙ୍କୁ ଭୋଟକେନ୍ଦ୍ର ପର୍ଯ୍ୟନ୍ତ ନେବା ଆଣିବା ପାଇଁ ବ୍ୟବସ୍ଥା କରିବା, ପୋଷ୍ଟାଲ ବେଲଟ୍କୁ ସୁନିଶ୍ଚିତ କରାଯିବ। ଅତ୍ୟାବଶ୍ୟକ ଡ୍ୟୁଟି ଏବଂ ନିର୍ବାଚନ କାର୍ଯ୍ୟରେ ଲାଗିଥିବା ଗାଡ଼ି ମୋଟରର ଚାଳକ, କଣ୍ଡକ୍ଟର ଏବଂ ସହାୟକମାନଙ୍କ ପାଇଁ ସୁବିଧା କେନ୍ଦ୍ରରେ ଭୋଟ ଦାନର ବ୍ୟବସ୍ଥା କରାଯାଇଛି। ଭୋଟର ମାନଙ୍କ ପାଇଁ ମତଦାନ କେନ୍ଦ୍ରରେ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ଏବଂ ଆବଶ୍ୟକ ସ୍ଥଳେ ଆଚ୍ଛାଦାନ ସୁବିଧା କରାଯିବ। ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଭୋଟର ଏବଂ ୪୦ ପ୍ରତିଶତରୁ କମ୍ ଦୃଷ୍ଟି ଶକ୍ତି ଥିବା ଲୋକଙ୍କୁ ସେମାନଙ୍କ ଘରେ ଭୋଟ ଦେବାର ସୁବିଧା କରାଯାଉଛି। ପୁଲିଂ ପାର୍ଟି ସେମାନଙ୍କ ଘରକୁ ଯିବେ। ଜାଲ୍ ଭୋଟକୁ ସମ୍ପୂର୍ଣ୍ଣ ଭାବେ ରୋକାଯିବ। ସେହିଭଳି ନକ୍ସଲ କାର୍ଯ୍ୟକଳାପ ଉପରେ ନଜର ରହିବ। ସ୍ୱଚ୍ଛ ଅବାଧ ନିର୍ବାଚନ ଉପରେ ଫୋକସ୍ ଦିଆଯିବା ସଙ୍ଗେ ସଙ୍ଗେ ୬୦ ରୁ ୭୦ ପ୍ରତିଶତ ବୁଥ୍ ରେ ୱେବ୍ କାଷ୍ଟିଂ କରାଯିବ। ଏହାକୁ ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନେ ନିୟନ୍ତ୍ରଣ କକ୍ଷରେ ଥାଇ ଦେଖି ପାରିବେ। ଆଇନ ଶୃଙ୍ଖଳା ପରିସ୍ଥିତି ସ୍ୱଭାବିକ ଅଛି। ସମୀକ୍ଷା ବୈଠକରେ ସମ୍ବଲପୁର, ସୁନ୍ଦରଗଡ଼, ଢ଼େଙ୍କାନାଳ, ବରଗଡ଼ ଓ ଲୋକସଭା କ୍ଷେତ୍ର ଏବଂ ସମ୍ବଲପୁର, ଦେବଗଡ଼, ଅନୁଗୁଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ଢ଼େଙ୍କାନାଳ ପ୍ରଭୃତି ଜିଲ୍ଲାର ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ମଧ୍ୟ ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଥିଲା।

# ଏକ ଭାରତ ଶ୍ରେଷ୍ଠ ଭାରତର ବାର୍ତ୍ତା ନେଇ ସାଇକେଲରେ ଭାରତ ଯାତ୍ରା ଆରମ୍ଭ କଲେ ଯୁବକ ସତ୍ୟନାରାୟଣ

ସୋନପୁର, ୦୫/୪ (ନି.ପ୍ର): ଏକ ଭାରତ ଶ୍ରେଷ୍ଠ ଭାରତର ସଂକଳ୍ପକୁ ଜନାଦୃତ କରିବା ପାଇଁ ଏବଂ ଶତ ପ୍ରତିଶତ ମତଦାନ ଦ୍ୱାରା ଗଣତନ୍ତ୍ରକୁ ସମୃଦ୍ଧ କରିବା ବାର୍ତ୍ତା ନେଇ ସାଇକେଲରେ ସମଗ୍ର ଭାରତ ଯାତ୍ରା ଆରମ୍ଭ କରିଛନ୍ତି ସୁବର୍ଣ୍ଣପୁରର ଯୁବକ ସତ୍ୟନାରାୟଣ ବାଗ। ସ୍ଥାନୀୟ ସୋନପୁର ମହାବିଦ୍ୟାଳୟର ଏହି ପ୍ରାକ୍ତନ ଏନ୍ ସି ସି କ୍ୟାଡେଟଙ୍କୁ ଆଜି ଜିଲ୍ଲା ପ୍ରଶାସନ ତଥା ବିଭିନ୍ନ ନାଗରିକ ସଂଗଠନ ତରଫରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇ ବିଦାୟ ଦିଆଯାଇଥିଲା। ଏକ୍ ଭାରତ ଶ୍ରେଷ୍ଠ ଭାରତ ଭଳି ମହତ୍ୱପୂର୍ଣ୍ଣ ବାର୍ତ୍ତାର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଭାରତର ମହାନ ସଂସ୍କୃତିକୁ ସମସ୍ତ ଙ୍କ ପାଖରେ ପହଂଚାଇବା, ସ୍ୱଚ୍ଛତା ଅବଲମ୍ବନ କରିବା ଓ ଆଗାମୀ ସଧାରଣ ନିର୍ବାଚନରେ ଯୁବକ ଯୁବତୀ ଠୁଁ ଆରମ୍ଭ କରି ବୃଦ୍ଧ ବୃଦ୍ଧା ଯାଏଁ ସମସ୍ତେ ନିଜର ବହୁ ମୂଲ୍ୟ ମତ ଦାନକୁ ସାବ୍ୟସ୍ତ କରିବା ଇତ୍ୟାଦି ପ୍ରମୁଖ ସଚେତନତା ବାର୍ତା ନେଇ ସାଇକେଲ ଯାତ୍ରାର ପରିକଳ୍ପନା ସେ କରିଛନ୍ତି। ଦୀର୍ଘ ତିନି ଚାରି ମାସ ଧରି ସାରା ଭାରତ ପରିଭ୍ରମଣ ପାଇଁ ପ୍ରସ୍ତୁତି କରିଥିବା ଶ୍ରୀମାନ ବାଗ ଙ୍କ ଏହି ଦୁଃସାହସିକ ଯାତ୍ରାକୁ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସ ଓ ଏସପି ୟସ୍ ପ୍ରତାପ ଶ୍ରୀମାଲ୍ ସବୁଜ ପତାକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ। ଫୁଲ ତୋଡା ଓ ଉପଢୌକନ ପ୍ରଦାନ ପୂର୍ବକ ଶ୍ରୀ ବାଗଙ୍କୁ ଶୁଭ କାମନା ଜଣାଇ ଉତ୍ସାହିତ କରିଥିଲେ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଆହୁରି ସଶକ୍ତ କରିବା ପାଇଁ ଶତ ପ୍ରତିଶତ ନିଶ୍ଚିତ ମତ ଦାନ କରିବାକୁ ସବୁଠି ଯୁବ ଭୋଟର ଓ ନାଗରିକମାନଙ୍କୁ ସଚେତନ କରି ପ୍ରେରଣା ଦେବାକୁ ଜିଲ୍ଲାପାଳ ଓ ଏସପି ଶ୍ରୀ ବାଗ ଙ୍କୁ ପରାମର୍ଶ କରିଥିଲେ। ଏହି ଯୁବକଙ୍କୁ ଉତ୍ସାହିତ କରିବା ପାଇଁ ଆଜି ସକାଳୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମ୍ ରବୀନ୍ଦ୍ର କୁମାର କହଁର, ଏଡିଏମ୍ ଅଞ୍ଜଳିନା ପ୍ରଧାନ, ଡେପୁଟି କଲେକ୍ଟର ବିଶି କେଶନ ପ୍ରଧାନ, ଆସିଷ୍ଟାଂଟ କଲେକ୍ଟର ତଥା ଜିଲ୍ଲା କ୍ରିଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ଆସିଷ୍ଟାଂଟ କଲେକ୍ଟର ରମେଶ ଚନ୍ଦ୍ର ଗୋଛି, କୃଷ୍ଣ ମୋହନ ସିଂ, ଶ୍ରୀମତୀ ତପସ୍ୱିନୀ ଶତପଥି, ସତ୍ୟ ବ୍ରତ ସାହୁ ପ୍ରମୁଖ ବିଭିନ୍ନ ପ୍ରାଶାସନିକ ଅଧିକାରୀ ଓ କର୍ମଚାରୀ ଏକତ୍ରୀତ ହୋଇଥିଲେ। ଏହା ସହିତ ସୁବର୍ଣ୍ଣପୁରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ସ୍ୱଚ୍ଛ ଭାରତ ସଂଗଠନ ସଭାପତି ଶୟଦ୍ ଅଲିମୂଲ୍ ଇସଲାମ, ଉପ ସଭାନେତ୍ରୀ ଇନ୍ଦୁମତି ପୁରୋହିତ, ବରିଷ୍ଠ ନାଗରିକ ସଂଘର ଜ୍ୟୋତି ରଂଜନ ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ ପୁରୋହିତ, କ୍ରୀଡା ସଙ୍ଗଠକ ପୀୟୂଷ ପଣ୍ଡା, ରାମଧୁନ କ୍ଲବ୍ ସମ୍ପାଦକ ବିକାଶ ପଣ୍ଡା, ସମାଜସ୍ୱୀ ଗୋବିନ୍ଦ ମହାରଣା, ପୋଲିସ୍ କନେଷ୍ଟବଳ ସଂଘ ସଭାପତି ଦିନେଶ ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏଠାରେ ଉପସ୍ଥିତ ରହି ଶ୍ରୀ ବାଗ ଙ୍କ ଯାତ୍ରାର ସଫଳ କାମନା କରିଥିଲେ। ଏହା ସହିତ ସୁବର୍ଣ୍ଣପୁରର ଗର୍ବ ଗୌରବ ବଢ଼ାଇ ସୁସ୍ଥ ଭାବରେ ପ୍ରତ୍ୟାବର୍ତନ କରିବା ପାଇଁ ଶୁଭ କାମନା ଜଣାଇଥିଲେ। ସୋନପୁର କଲେଜ ଏନ୍ ସି ସି ଅଧିକାରୀ ଲେଫ୍ଟେନେଂଟ ଆଶିଷ ଅଗ୍ରୱାଲା ଏବଂ ବହୁ ସଂଖ୍ୟାରେ ଏନ୍ ସି ସି ଛାତ୍ରଛାତ୍ରୀ ଯୋଗଦେଇ ଯୁବକଙ୍କୁ ଉତ୍ସାହିତ କରିଥିଲେ। ସହରର ସମାଜସେବୀ ତଥା ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ବେଳେ ସ୍ୱଚ୍ଛ ଭାରତ ସଂଗଠନ, ଗୋପକ୍ଷଲଜି ଯୋଗକ୍ଷଳୟ, ବରିଷ୍ଠ ନାଗରିକ ସଂଘର ସମସ୍ତ କର୍ମକର୍ତା, କଲେକ୍ଟ୍ରିଏଟ୍ କର୍ମଚାରୀ, ଇନ୍ଫିନିଟି କ୍ଲବ୍ ସଦସ୍ୟ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏଥିରେ ଯୋଗଦେଇ ଶୁଭେଚ୍ଛା ଜଣାଇ ଥିଲେ।

# ଫେରାର ଦୁଇ ଅଭିଯୁକ୍ତ ଗିରଫ

ଜୟପୁର , ୦୫/୪ (ନି.ପ୍ର): ଫେରାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିଜୁରାଜ ନଗର ଦିବାକର ଖରା (୩୦) ଓ ଜୟନଗରର ସୁଶାନ୍ତ ଏଲିୟସ ସୁବ୍ରମନ୍ୟୁ ପାତ୍ର (୨୫)। ପୋଲିସ ସୂଚନା ଅନୁଯାୟୀ ବିଜୁରାଜ ନଗର ରହୁଥିବା ଦିବାକର ଖରା ନାମରେ ଅପରାଧିକ ମାମଲା ୨୦୧୭ ମସିହା ଠାରୁ ରହିଥିଲା। ସେହି ଦିନ ସେ ଫେରାର ଥିବା ବେଳେ ଆଜି ଜୟପୁର ଟାଉନ ପୋଲିସ ଗିରଫ କରିଛି । ସେହିପରି ଜୟନଗରର ସୁଶାନ୍ତ ଏଲିୟସ ସୁବ୍ରମନ୍ୟୁ ପାତ୍ର (୨୫) ନାମରେ ୨୦୧୯ ମସିହାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ଆଜି ଚଢାଉ କରି ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ପେଟ୍ରୋଲ-ଡିଜେଲର ମୂଲ୍ୟ ସ୍ଥିର

ନୂଆଦିଲ୍ଲୀ, ୦୫/୪ : ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବ୍ରେଣ୍ଟ ଅଶୋଧିତ ମୂଲ୍ୟ ୯୧ ଡଲାରରେ ପହଂଚିଛି ଏବଂ ଡବ୍ଲୁଟିଏଇ ଅଶୋଧିତ ବ୍ୟାରେଲ ପିଛା ପାଖାପାଖି ୮୭ ଡଲାରରେ ପହଂଚିଛି। ପବ୍ଲିକ ସେକ୍ଟର ତୈଳ ଏବଂ ଗ୍ୟାସ ମାର୍କେଟିଂ କମ୍ପାନୀଗୁଡିକ ଶୁକ୍ରବାର ଦିନ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାଁନ୍ତି।

# କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଗଣ ଧାରଣା

ଜୟପୁର , ୦୫/୪ (ନି.ପ୍ର): ଜୟପୁର ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନେ ' ମେହେରବାନୀ ନକରି ମେହନତର ମଜୁରୀ ଦିଅ ' , ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ର ସର୍ତ୍ତାବଳୀ କୁ ଅକ୍ଷରେ ଅକ୍ଷରେ ପାଳନ କରିବା ଦାବିରେ ଆଜି ଠାରୁ କାରଖାନା ଗେଟ୍ ସମ୍ମୁଖରେ ଧାରଣା ପ୍ରଦର୍ଶନ ଆରମ୍ଭ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ୨୦୨୦ ଫେବୃଆରୀ ରୁ କାଗଜ କଳ କୁ ମଦର ଆର୍ଥ୍ କମ୍ପାନୀ ହାତକୁ ନେବା ସମୟରେ ଏକ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ବା ବିଟିଏ ଦସ୍ତଖତ ହୋଇଥିଲା ଯାହାକୁ ମ୍ୟାନେଜମେଣ୍ଟ ଲୁଚାଇ ରଖି ଏକ ଏମ୍ ଓ ୟୁ କୁ ଦେଖେଇ ଶ୍ରମିକ ମାନଙ୍କୁ ଶୋଷଣ କରି ଚାଲିଛି । ପ୍ରକୃତ ବିଟିଏ ରେ କେନ୍ଦ୍ର ସରକାରଙ୍କ ନୋଟାରୀ ପବ୍ଲିକ୍ ସିଲ୍ ଓ ଦସ୍ତଖତ ଥିବା ବେଳେ କମ୍ପାନୀ ଶ୍ରମିକ ମାନଙ୍କ ସବୁ ଚାକିରି ସର୍ତ୍ତାବଳୀ ମାନିବାକୁ ରାଜି ହୋଇଛି। କିନ୍ତୁ ଦୁଇଟି କମ୍ପାନୀର ଏକ ଏମ୍ ଓ ୟୁ ଦେଖେଇ ମ୍ୟାନେଜମେଣ୍ଟ ସେଚ୍ଛାଚାର ଚଳେଇଛି। ଅନ୍ୟ ପଟେ ପାଞ୍ଚ ମାସ ହେଲା ଦରମା ନାହିଁ । ନଭେମ୍ବର ୨୦୨୩ ରୁ ଦରମା ନାହିଁ । ପ୍ରୋଭିଡେଣ୍ଟ୍ ଫଣ୍ଡ୍ ନାହିଁ କି ପେନସନ ନାହିଁ । ବୃଦ୍ଧ ବୟସ୍କ ଶ୍ରମିକ ମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଙ୍କୁ କାମରେ ରଖି ସେମାନଙ୍କୁ ମଧ୍ୟ ଦରମା ନାହିଁ । ନାମକୁ ମାତ୍ର କାରଖାନା ଚାଲିଥିବାର ଦେଖେଇବା ପାଇଁ ଚଳେଇଛନ୍ତି। କଞ୍ଚାମାଲ କେମିକାଲ ଅଭାବରୁ କାରଖାନା ଉତ୍ପାଦନ ଆରମ୍ଭ କରିବା ଠାରୁ ପୁର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଶ୍ରମିକ ମାନେ ଶୃଙ୍ଖଳିତ ଭାବେ କାମ କରୁଛନ୍ତି ଏବଂ ଭଲ କାଗଜ ଉତ୍ପାଦନ କରୁଛନ୍ତି। ' ଟୁ କପିଅର୍ ' କାଗଜ ସବୁ ଜେରେକ୍ସ ଦୋକାନର ଚାହିଦା ରହିଥିବା ବେଳେ କାହିଁକି ଉତ୍ପାଦନ ବନ୍ଦ ରହୁଛି ବୋଲି ପ୍ରଶ୍ନ କରିଛନ୍ତି ଶ୍ରମିକ ମାନେ । କାଗଜ କଳ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଯୁଗ୍ମ ଶ୍ରମ କମିଶନର ଗତକାଲି ବିଳମ୍ବିତ ରାତିରେ ଲେଖି ଦେଇଛନ୍ତି ଯେ ବାରମ୍ବାର ମ୍ୟାନେଜମେଣ୍ଟ କୁ ତାଗିଦ୍ କରିବା ସତ୍ତ୍ୱେ ଶୁଣୁ ନାହାଁନ୍ତି ଏବଂ ବିଟିଏ ରେ ଥିବା ଶ୍ରମିକ ମାନଙ୍କ ଚାକିରି ସର୍ତ୍ତାବଳୀ ଲାଗୁ କରିବା ଯୋଗ୍ୟତା ରହିଛି । ଏସବୁ ପାଇଁ ତୁରନ୍ତ ମ୍ୟାନେଜମେଣ୍ଟ ୟୁନିଅନ ମାନଙ୍କୁ ଡାକି ସମସ୍ୟା ସମାଧାନ କରିବା ସହ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। କିନ୍ତୁ ମ୍ୟାନେଜମେଣ୍ଟ ସମୟ ଗଡେଇବା ଛଡା ଆଉ କିଛି କରୁନାହିଁ । ଆଜିର ଗଣ ଧାରଣା ରେ ଭି ରବି କୁମାର , ଦୁର୍ଯୋଧନ ପଲେଇ , ସୁଦର୍ଶନ ବିଷୋୟୀ, ତ୍ରିନାଥ ସାହୁ ଙ୍କ ସମେତ ଶତାଧିକ ଅବସରପ୍ରାପ୍ତ ଶ୍ରମିକ ସମୁହ ଧାରଣା ରେ ଯୋଗ ଦେଇଛନ୍ତି ବୋଲି ଆବାହକ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଜଣାଇଛନ୍ତି।

# ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟକ୍ରମ

ଜୟପୁର, ୦୫/୪ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ଖ୍ୟାତିସମ୍ପନ୍ନ ପ୍ରମୁଖ ଶିକ୍ଷାନୁଷ୍ଠାନ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର, ନୂଆଦିଲ୍ଲୀ ୨୦୨୪ ଏପ୍ରିଲ ୬ରୁ ୧୧ ମଧ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏପ୍ରିଲ ୬ ତାରିଖ ସୁଦ୍ଧା ୪୧ ଜଣ ଛାତ୍ରଛାତ୍ରୀଙ୍କ ସମେତ ପ୍ରଫେସର ଇନଚାର୍ଜ-ଏକାଡେମିକ୍, ବିଭାଗୀୟ ମୁଖ୍ୟ ଓ ଷ୍ଟାଫ୍ ମେମ୍ବରଙ୍କୁ ନେଇ ଗଠିତ ଏହି ଟିମ୍ କୋରାପୁଟରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି, ଯେଉଁଥିରେ ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ କୋରାପୁଟର ବିଭିନ୍ନ ସ୍ଥାନକୁ ମିଳିତ ଭାବେ କ୍ଷେତ୍ର ଅଧ୍ୟୟନ କରିବେ। ଏହି ଟିମ୍ କୋରାପୁଟର ଶାବର ଶ୍ରୀକ୍ଷେତ୍ର, ଜନଜାତି ସଂଗ୍ରହାଳୟ, କୁନ୍ଦୁଲି ବଜାର, ଗୁପ୍ତେଶ୍ୱର ମନ୍ଦିର, ସୁବାଇ ଜୈନ ମନ୍ଦିର, ସର୍ବେଶ୍ୱର ମନ୍ଦିର, ବତ୍ରିଶା ସିଂହସନ ଓ ରାଣୀ ଡୁଡୁମା ଜଳପ୍ରପାତ ପରିଦର୍ଶନ କରିବ ସହ ବିଶ୍ୱବିଦ୍ୟାଳୟର ଲାଣ୍ଡିଗୁଡା ପରିସରରେ ଜୈବ ବିବିଧତା ଉପରେ ଏକ ପ୍ରଦର୍ଶନୀ ରେ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏକାଡେମିକ ୟୁନିଟ୍ ଆଇଜିଏନସିଏ ପକ୍ଷରୁ 'ଅକ୍ଷର, ଶବ୍ଦ।ଭାଷା' ଶୀର୍ଷକ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି ।ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଆଧୁନିକ ଦୃଷ୍ଟିକୋଣରେ ପ୍ରାଚୀନ ଭାରତୀୟ ସାହିତ୍ୟ ଉପରେ ବିଜ୍ଞାନ ଓ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀରେ ୨୦୨୪ ଏପ୍ରିଲ ୮ ତାରିଖରେ ଅନୁଷ୍ଠିତ ହେବ। ଏହି ବୈଠକରେ ଆଇଜିଏନସିଏର କଳା କୋଷ ଡିଭିଜନର ଏଚ୍ଓଡି ପ୍ରଫେସର ସୁଧୀର ଲାଲ ମୁଖ୍ୟ ବକ୍ତା ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିବେ। ଏକାଡେମିକ୍ ଦାୟିତ୍ୱରେ ଥିବା ପ୍ରଫେସର ଅରୁଣ କେ ଭରଦ୍ୱାଜଙ୍କ ନେତୃତ୍ୱରେ ଆଇଜିଏନସିଏ ଟିମ୍ ଉଭୟ କ୍ୟାମ୍ପସର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ମିଳିତ ଅଭ୍ୟାସ ପାଇଁ ଖୁସି ବ୍ୟକ୍ତ କରିବା ସହ ଏହି ସାଂସ୍କୃତିକ ଆଦାନ ପ୍ରଦାନ ଯୁବବର୍ଗଙ୍କ ମଧ୍ୟରେ ଜାତୀୟ ଏକତା ସୁଦୃଢ଼ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେଡି ଛାଡ଼ି ବିଜେପିରେ....

ବଦଳରେ ଦଳ ଆଠମଲ୍ଲିକରୁ ନଳିନୀକାନ୍ତ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ୨୦୧୯ରେ ରମେଶ ଚନ୍ଦ୍ର ସାଏ ବିଜେପି ପ୍ରାର୍ଥୀ ଭାଗିରଥୀ ପ୍ରଧାନଙ୍କୁ ୪୭ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ। ବିଜେପି ଏଥର ଆଠମଲ୍ଲିକରୁ ପୂର୍ବତନ ବିଧାୟକ ସଞ୍ଜୀବ ସାହୁଙ୍କୁ ଟିକେଟ୍ ଦେଇଛି। ସଞ୍ଜୀବ ସାହୁ ୨୦୦୯ ଓ ୨୦୧୪ରେ ବିଜେଡି ଟିକେଟରେ ଏହି ଆସନରୁ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ।

### କଂଗ୍ରେସର 'ନ୍ୟାୟ ପତ୍ର'ରେ ....

ଗରିବ, ଓ ଏସସି ,ଏସଟି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ନେଟୱାର୍କ କରାଯିବ। ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର ରୋକିବା ଏବଂ ପିଏମଏଲଏ ଆଇନରେ ପରିବର୍ତ୍ତନ ପାଇଁ ଘୋଷଣା କରାଯାଇଛି। କଂଗ୍ରେସର ଇସ୍ତାହାର ଦଳର ପାଞ୍ଚ ଜଣ ବିଚାରପତିଙ୍କୁ ଆଧାର କରି ପ୍ରସ୍ତୁତ ହୋଇଛି । କାମ, ଧନ ଓ କଲ୍ୟାଣ ଏହି ତିନୋଟି ଶବ୍ଦ ଉପରେ କଂଗ୍ରେସର ଘୋଷଣା ପତ୍ର ଆଧାରିତ। କାମ ଅର୍ଥ ହେଉଛି ତୁମକୁ ଚାକିରି ଦେବା ବୋଲି ମଲ୍ଲିକାର୍ଜୁନ୍ ଖଡ଼ଗେ କହିଛନ୍ତି।

### ଆଇଏଏସ୍ ବଦଳି ....

ଅବସ୍ଥାପିତ କରାଯାଇଛି। ଅନୁପମ ଯେଉଁ ଦାୟିତ୍ୱରେ ଥିଲେ ସେଠାକୁ ପାରୁଲଙ୍କୁ ଓ ଅରିନ୍ଦମଙ୍କ ସ୍ଥାନରେ ଭିନିତଙ୍କୁ ଥଇଥାନ କରାଯାଇଛି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମାଙ୍କୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଶ୍ରୀ ବର୍ମା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଇନଚାର୍ଜ ମୁଖ୍ୟ ପ୍ରଶାସକ ସହ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଉଥିଲେ। ଏବେ ତାଙ୍କୁ କେବଳ ପୂର୍ତ୍ତ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୨୦୧୮ ବ୍ୟାଚ୍ ଆଇଏଏସ୍ ଶୁଭଙ୍କର ମହାପାତ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ତାଙ୍କୁ ଏପ୍ରିଲ ୩ତାରିଖରେ ଯାଜପୁର ଜିଲ୍ଲାପାଳ ପଦବୀରୁ ହଟାଇ ଦିଆଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ୨୦୧୨ ବ୍ୟାଚ୍ ଆଇଏଏସ୍ ନିଖିଳ ପଓ୍ୱନ କଲ୍ୟାଣଙ୍କୁ ଯାଜପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା। ରାଜ୍ୟର କ୍ଷମତାସୀନ ବିଜେଡି ସରକାର ପ୍ରତି ଏହି ଅଫିସରମାନଙ୍କ ମାତ୍ରାଧିକ ଦୁର୍ବଳତା ଯୋଗୁ ନିରପେକ୍ଷ ନିର୍ବାଚନ ସମ୍ଭବପର ହେବାର ଆଶଙ୍କା କରି ନିର୍ବାଚନ କମିଶନ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। ଶୁଭଙ୍କରଙ୍କୁ ମିଶାଇ ମୋଟ ୯ଜଣ ସର୍ବଭାରତୀୟ ଅଫିସରଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରହିବାକୁ କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି।

### ୪୩.୫ ଡିଗ୍ରୀରେ କଲବଲ ହେଲେ....

ତାପମାତ୍ରା ୩୧.୨ ଡିଗ୍ରୀ ରହିଥିବା ବେଳେ ସାଢେ ୧୧ଟା ସୁଦ୍ଧା ୩୯.୮ ଓ ଦିନ ସାଢେ ୨ଟା ବେଳକୁ ଏହା ଛୁଇଁଥିଲା ୪୩.୨ ଡିଗ୍ରୀ। ସେହିପରି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବଢ଼ିଛି ଗ୍ରୀଷ୍ମ ପ୍ରବାହ। ଅନୁଗୋଳ, ଝାରସୁଗୁଡ଼ା, ତାଳଚେର, ଟିଟିଲାଗଡ଼, ମାଲକାନଗିରି, ନୟାଗଡ଼, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ଆଜି ତାପମାତ୍ରା ୪୨ ଡିଗ୍ରୀ ବା ଏହା ଉପରେ ରେକର୍ଡ କରାଯାଇଛି। ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୪୨, ତାଳଚେରରେ ୪୨.୫, ବଲାଙ୍ଗିରରେ ୪୨, ଟିଟିଲାଗଡ଼ରେ ୪୨, ମାଲକାନଗିରିରେ ୪୨.୨, ନୟାଗଡ଼ରେ ୪୨, ବୌଦ୍ଧରେ ୪୨.୨ ଓ ପାରଳାଖେମୁଣ୍ଡିରେ ୪୨.୬ ଡିଗ୍ରୀ ରେକର୍ଡ କରାଯାଇଛି। ଗତକାଲି ରାଜ୍ୟର ମାତ୍ର ଦୁଇଟି ସ୍ଥାନ- ବୌଦ୍ଧ ଓ ମାଲକାନଗିରିରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁ ଥିଲା। ଆଜି ଚାନ୍ଦବାଲିରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ରହିଥିବା ବେଳେ କଟକରେ ୪୦.୬, ବାରିପଦାରେ ୪୧, କେନ୍ଦୁଝରରେ ୪୦.୫, ସମ୍ବଲପୁରରେ ୪୧.୩, ସୁନ୍ଦରଗଡ଼ରେ ୪୧, ହୀରାକୁଦରେ ୪୧, ଭବାନୀପାଟଣାରେ ୪୧.୨, ସୋନପୁରରେ ୩୯.୮, ଛତ୍ରପୁରରେ ୩୮, ରାୟଗଡ଼ାରେ ୩୯, ଯାଜପୁରରେ ୪୦, ଢେଙ୍କାନାଳରେ ୪୦.୬, ବରଗଡ଼ରେ ୪୦.୪, ନୂଆପଡ଼ାରେ ୩୯.୪, ନବରଙ୍ଗପୁରରେ ୩୯.୨, ଖୋର୍ଦ୍ଧାରେ ୩୯.୫, ଜଗତସିଂହପୁରରେ ୪୧.୫, କେନ୍ଦ୍ରାପଡ଼ାରେ ୪୧ ଓ ରାଉରକେଲାରେ ୪୦ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ, ଆସନ୍ତା ଦୁଇ ଦିନ ରାଜ୍ୟର କିଛି ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ସେଲ୍ସିୟସ ବଢ଼ିପାରେ। ତା' ପରବର୍ତ୍ତୀ ୩ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି।

### ଲୁଟ୍ ଟଙ୍କା ଉଦ୍ଧାର.....

ସହଯୋଗୀ ଶମ୍ଭୁନାଥ ସାହୁ ଓ ଧର୍ମେନ୍ଦ୍ର ରେଡ୍ଡୀ ଗତ ୩୧ ତାରିଖ ରାତିରେ ଛତ୍ରପୁରରୁ ଟଙ୍କା ଧରି ରାତି ଭୁବନେଶ୍ୱର ଫେରୁଥିଲେ। ତେବେ ପିତାପଲ୍ଲୀ ଛକରେ ସୋମନାଥ ଜେନା, ଦୀପ୍ତି ରଞ୍ଜନ ବଳିଆରସିଂ, ଆଶିଷ କୁମାର ଦାସ ଓ ସ୍ମୃତି ରଞ୍ଜନ ସିଂ ନିଜକୁ ପୁଲିସ୍ ଅଫିସର ବୋଲି ପରିଚୟ ଦେଇ ସେମାନଙ୍କୁ ଅଟକାଇଥିଲେ। ପରେ ସେମାନେ ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ। ଏନେଇ ଇନ୍ଫୋ ଭ୍ୟାଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଘଟଣାର ତଦନ୍ତ ପାଇଁ ୪ ଜଣିଆ ଟିମ୍ ଗଠନ କରିଥିଲା। ଆଜି ୪ ଅଭିଯୁକ୍ତଙ୍କୁ ସୋମନାଥ ଜେନା, ଦୀପ୍ତି ରଞ୍ଜନ ବଳିଆରସିଂ, ଆଶିଷ କୁମାର ଦାସ ଓ ସ୍ମୃତି ରଞ୍ଜନ ସିଂଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ୯ ଲକ୍ଷ ୬୯ ହଜାର ଟଙ୍କା, ୩ଟି ବାଇକ୍ ଓ ମୋବାଇଲ ଜବତ କରିଛି ପୁଲିସ। ଏହି ଲୁଟ୍‌ର ମାଷ୍ଟର ମାଇଁଣ୍ଡ ହେଉଛନ୍ତି ସୋମନାଥ ଜେନା। ତାଙ୍କ ନାଁରେ ହତ୍ୟା ଓ ଲୁଟ୍ ମାମଲା ରହିଛି। ସେ ହତ୍ୟା ମାମଲାରେ ଜେଲ୍ ଯାଇଥିଲେ। ବେଲ୍‌ରେ ଆସି ଲୁଟ୍ କରିଥିଲେ।

### ଶିଶୁ ଚୋରି ପଛର ରହସ୍ୟ: ନିଜ ଝିଅ....

ଲାଗି ମେଡିକାଲ ଆସିଥିଲେ। ଏହି ସମୟରେ ସେ ମେଡିକାଲରେ ଏକ ଶିଶୁପୁତ୍ରକୁ ଦେଖି ନିଜ ଝିଅକୁ ତା ସ୍ଥାନରେ ରଖି ଶିଶୁପୁତ୍ରକୁ ନେଇ ଚାଲିଯାଇଥିଲେ। ପିଲା ନିଖୋଜ ନେଇ ଶିଶୁପୁତ୍ରର ବାପା ମାଆ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଛାନଭିନ୍ କରିବା ସହ ରେଣୁମା ଦୁର୍ଗାଦେବୀ ଗାଁରୁ ଶିଶୁ ପୁତ୍ରକୁ ଉଦ୍ଧାର କରିଥିଲା। ସମ୍ପୃକ୍ତ ମହିଳାଙ୍କ ବାପ ଘର ବାଲେଶ୍ୱର ଜିଲ୍ଲା ରେଣୁମା ବ୍ଲକ ଦୁର୍ଗାଦେବୀରେ ବୋଲି ଜଣା ପଡ଼ିଛି। ଉଦ୍ଧାର ଶିଶୁଟିକୁ ମୁଖ୍ୟଚିକିତ୍ସାଳୟର ଏସଏନସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ବର୍ତ୍ତମାନ ପିଲାଟିର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ସୂଚନା ମିଳିଛି।

### ଇଡି ଚାର୍ଜସିଟରେ ଅଭିଯୋଗ....

ଅଂଶ ଭାବରେ ଅନେକ ସରକାରୀ ଜମି ଦଲିଲ ହେରଫେର କରିବାରେ ସାହାଯ୍ୟ କରୁଥିଲେ। ୩୩ ଜଣ ସାକ୍ଷୀଙ୍କଠାରୁ ବିବୃତ୍ତି ସଂଗ୍ରହ କରି ହଜାର ହଜାର ପୃଷ୍ଠାର ଦଲିଲ ଜବତ କରାଯାଇଥିବା ଇଡି କହିଛି। ପ୍ରକାଶ ଥାଉ କି, ଗତ ଜାନୁଆରୀ ୩୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜମି ଦୁର୍ନୀତି ଅଭିଯୋଗରେ ହେମନ୍ତ ସୋରେନଙ୍କୁ ଗିରଫ କରିଥିଲା। ଏହି ସମୟରେ ଇଡି ସୋରେନଙ୍କ ଦିଲ୍ଲୀ ସ୍ଥିତ ବାସଭବନରୁ ୩୬ ଲକ୍ଷ ନଗଦ ଟଙ୍କା ଏବଂ ବିଏମଡବ୍ଲୁ କାର ଜବତ କରିଥିଲା। ମାମଲାରେ ଏପର୍ଯ୍ୟନ୍ତ ହେମନ୍ତ ସୋରେନ ଏବଂ ପୂର୍ବତନ ରାଞ୍ଚି ଡିସି, ଆଇଏଏସ୍ ଅଧିକାରୀ ଛବି ରଞ୍ଜନଙ୍କ ସମେତ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହେମନ୍ତ ସୋରେନ କିନ୍ତୁ ଇଡିର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଇଡିର କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟ ପ୍ରଣୋଦିତ, ଶାସକ ବିଜେପି କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥାର ଅପବ୍ୟବହାର କରୁଥିବା ସେ ଅଭିଯୋଗ କରିଛନ୍ତି।

# ପୋଲିସକୁ ଆକ୍ରମଣ ମାମଲାରେ ୯ ଜଣ ଗିରଫ

କେନ୍ଦୁଝର, ୦୫/୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ବିନିଦା ଗ୍ରାମରେ ଟ୍ରକ ଧକ୍କାରେ ଜଣେ ଯୁବକ ର ମୃତ୍ୟୁ ପରେ ସ୍ଥାନୀୟ ଲୋକ ଟ୍ରକ ଜାଳି ଦେବା ସହ ଜଣେ ପୋଲିସ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ଶୁଆକାଟୀ ଫାଣ୍ଡିର କନେଷ୍ଟବଳ ସୁକୁମାର ସାହୁଙ୍କ ଏତଲା ଆଧାରରେ ସଦର ପୋଲିସ ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କେସ ନମ୍ବର ୨୫୨ ଆଇପିସି ର ଧାରା ୧୪୭/ ୧୪୮//୩୪୧/୨୯୪/୩୨୩/ ୩୦୭/୩୨୫/୩୩୨/୩୫୩/ ୧୮୬/୩୩୬/୩୯୫/୫୦୬/ ୧୪୯ରେ ମାମଲା ରୁଜୁ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ବିନିଦା ଗ୍ରାମର ସୁକୁରା ଦେହୁରୀ(୪୩), ସର୍ବେସ ପ୍ରଧାନ(୨୭), ପବନ ପ୍ରଧାନ(୨୬), ସନାତନ ପ୍ରଧାନ(୩୮), ବୈଶାଗୁ ଦେହୁରୀ(୩୫), ତରଣୀସେନ ପ୍ରଧାନ (୨୪), କୃପାସିନ୍ଧୁ ବେହେରା(୧୯), ମଗୁଶିର ଦେହୁରୀ(୩୬) ଏବଂ ଆମୁଣି ଗ୍ରାମର ଗୌରାଙ୍ଗ ଦେହୁରୀ (୨୨)। ଏହି ମାମଲାରେ ୩୦ ରୁ ୪୦ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ଫେରାର ଥିବା ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ତ୍ରିନାଥ ସେଠୀ ପ୍ରକାଶ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ସଦର ଥାନା ରାଇଗୋଡା ପଂଚାୟତ ଅଧିନସ୍ଥ ଅଁରା-ରାଇଗୋଡା ରାସ୍ତାର ଅରଡେଇ ପୋଲ ନିକଟରେ ବୁଧବାର ରାତି ପ୍ରାୟ ୧୦ଟା ୩୦ ରେ ଏକ ହାଇୱା ଧକ୍କାରେ ମୋଟର ସାଇକେଲ ଆରୋହୀ ସନ୍ତୋଷ ଦେହୁରୀ(୨୨)ର ମୃତ୍ୟୁ ହୋଇଥିଲା। ଏହାକୁ କେନ୍ଦ୍ର କରି ସ୍ଥାନୀୟ ବିନିଦା ଗ୍ରାମର ଲୋକ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକ କରବା ସହ ଦୁର୍ଘଟଣା ଘଟାଇଥିବା ୧୪ଚକିଆ ହାଇୱା ଗାଡି (ଓଡି୦୯-ଜେଡ୍-୧୯୦୮)କୁ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ଶୁଅକାଟୀ ଫାଣ୍ଡି ଅଧିକାରୀ ଫୁଲଜେନସ ଟିଗା ଓ ପୋଲିସ କର୍ମଚାରୀ ଘଟଣା ସ୍ଥଳକୁ ରାତି ୧୧ଟା ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାବେଳେ ହଠାତ୍ ୩୦ ରୁ ୪୦ଲୋକ ଠେଙ୍ଗା ବାଡିରେ ଫାଣ୍ଡି ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଫାଣ୍ଡି ଅଧିକାରୀଙ୍କୁ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି।

# ବିଦ୍ୟାଳୟର ଗୌରବ ବଢାଇଲେ ମେଧାବୀ ଛାତ୍ର ପର୍ଶୁରାମ

ଭଦ୍ରକ, ୦୫/୪ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର କାଳିଦାସ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ମେଧାବୀ ଛାତ୍ର ପର୍ଶୁରାମ ସାହୁ ଏହି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି । ମେଧାବୀ ଛାତ୍ର ପର୍ଶୁରାମ ଭଦ୍ରକ ଜିଲ୍ଲାର ନବୋଦୟ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ସମୟରେ ସେତେବେଳେ ସେ ବୃତ୍ତି ପାଇଥିଲେ । ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ମଧ ସେ ବ୍ଲକ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ବର୍ତ୍ତମାନ ଷଷ୍ଠ ଶ୍ରେଣୀରେ ନବୋଦୟ ରେ ପଢୁଛନ୍ତି । ସାଧାରଣ ଜ୍ଞାନ ପରୀକ୍ଷାରେ କନିଷ୍ଠ ବିଭାଗରେ ପର୍ଶୁରାମ ଖୁବ୍ ସଫଳତା ହାସଲ କରିଛନ୍ତି । ପର୍ଶୁରାମଙ୍କ ପିତା ଗଣେଶ ପ୍ରାସାଦ ସାହୁ ଓ ମାତା ଚାନ୍ଦ ବାଳା ସାହୁ । ଏହି ମେଧାବୀ ଛାତ୍ର ପର୍ଶୁରାମ ଙ୍କ ପାଇଁ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁବା ସିନି ପଣ୍ଡା, ସହକାରୀ ଶିକ୍ଷକ ଦେବାଶିଷ ଘୋଷ, ଶିକ୍ଷୟତ୍ରୀ ଇତିଶ୍ରୀ ସାହୁ, ଶର୍ମିଳା ନାୟକ ପ୍ରମୁଖ ଖୁବ୍ ଖୁସି ଅଛନ୍ତି । ନିଜ ପରିବାର, ଗୁରୁଜନ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ପାଖରେ ସେ ଚିରଋଣି ବୋଲି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ମେଧାବୀ ଛାତ୍ର ପର୍ଶୁରାମ ନିଜର ନିଷ୍ଠା ତ୍ୟାଗ, ବଳରେ କର୍ମ କରି ସଫଳତା ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି । ପାଠକ ବନ୍ଧୁ ମାନଙ୍କର ମନେଥିବ ଏହି କାଳିଦାସପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଭାରତ ବର୍ଷର ଆଇ ଏ ଏସ ଟପ୍ପର ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ହୃଷୀକେଶ ପଣ୍ଡା ୧୯୭୯ ମସିହାରେ ଆଇ ଏ ଏସ ପାଇଥିଲେ ଓ ପ୍ରତିଭା ବଳରେ ଏହି ଜନ୍ମ ମାଟି ପାଇଁ ଗୌରବ ବଢାଇ ଦେଇଥିଲେ ।



# ଶୁଦ୍ଧି କ୍ରିୟା ପାଇଁ ସାହାଯ୍ୟର ହାତ ବଢାଇଲା ଚଣ୍ଡୀମାତା ଜଗତ କଲ୍ୟାଣ ଫାଉଣ୍ଡେସନ



ଖଇରା, ୦୫/୪ (ନି.ପ୍ର): ଔପଦା ବ୍ଲକ ରାଇରାମ ଚନ୍ଦ୍ରପୁର ପଂଚାୟତ ପରମାନନ୍ଦପୁର ଗ୍ରାମର ଗୋପାଳ ପାତ୍ରଙ୍କ ସ୍ତ୍ରୀ ଦେହାନ୍ତ ଘଟିବା ପରେ ଶୁଦ୍ଧି କ୍ରିୟାପାଇଁ ଗୋପାଳ ଆସାହୟ ମନେ କରିଥିଲେ । ଖବର ପାଇ ଖଇରା ବ୍ଲକ ନନ୍ଦୋର ଗ୍ରାମର ଚଣ୍ଡିମାତା ଜଗତ କଲ୍ୟାଣ ଫାଉଣ୍ଡେସନ ର କର୍ମ କର୍ତ୍ତା ମାନେ ଏହି ବିପଦ ସମୟରେ ସାହାର୍ଯ୍ୟର ହାତ ବଢାଇ ଛନ୍ତି । ଶୁଦ୍ଧି ପାଇଁ ସମସ୍ତ ରାସନ ସାମଗ୍ରୀ ସହିତ କିଛି ଅର୍ଥ ସାହର୍ଯ୍ୟ କରିଛନ୍ତି । ଏଥିରେ ଅନୁଷ୍ଠାନର ଜିତେନ୍ଦ୍ର ନାୟକ, ସରୋଜ ନାୟକ, ଧନଞ୍ଜୟ ପଣ୍ଡା, ତପନ ରାଉତ, ମନୋରଞ୍ଜନ ନାୟକ, ଟେରା ନାୟକ, ସୁଧାଂଶୁ ନାୟକ, ରାଜା ମହାନ୍ତି, ହିମାଂଶୁ ନାୟକ, ପ୍ରଶାନ୍ତ ନାୟକ, ରାଜୁ ମହାନ୍ତି, ଚନ୍ଦ୍ର ଶେଖର ନାୟକ, ଜୟନ୍ତ ବିଶ୍ୱାଳ, ସୁରେନ୍ଦ୍ର କୁଅଁର, ଶୁଶାନ୍ତ ବିଶ୍ୱାଳ, ବିରଞ୍ଚି ନାୟକ ଙ୍କ ସମେତ ସମସ୍ତ କର୍ମକର୍ତ୍ତା ମାନେ ସାହାର୍ଯ୍ୟର ହାତ ବଢାଇଥିଲେ । ଏହି କାର୍ଯ୍ୟକୁ ଅଞ୍ଚଳ ମାନେ ସାଧୁବାଦ ଜଣାଇ ଥିଲେ ।

# ବଡସାହି ବିଧାୟିକା ପ୍ରାର୍ଥିନୀ ଅନୁସୂୟାଙ୍କୁ ସ୍ୱାଗତ: କର୍ମୀ ଉତ୍ସାହିତ

ବଡସାହ, ୦୫/୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ବିଧାୟକ ମାନଙ୍କର ପ୍ରାର୍ଥୀ ତାଲିକା ଘୋଷଣା କରିଥିଲେ । ସେଥିରେ ମୟୂରଭଂଜ ଜିଲ୍ଲାର ୯ଟି ବିଧାନସଭା ଆସନରୁ ୫ଟି ରହିଥିଲା । ଦଳ ପକ୍ଷରୁ ବିଭିନ୍ନ ସର୍ଭେ ରିପୋର୍ଟକୁ ନେଇ ଏହି ତାଲିକା ପ୍ରକାଶ ପାଇଥିବାର ଜଣାଯାଇଛି । ଏହି ତାଲିକାରେ ବଡସାହି ନିର୍ବାଚନମଣ୍ଡଳୀରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ଧର୍ମପତ୍ନୀ ଅନୁସୂୟା ପାତ୍ରଙ୍କୁ ଦଳ ବିଧାୟିକା ପ୍ରାର୍ଥିନୀ କରି ମହିଳା କାର୍ଡ ଖେଳିଛି ବୋଲି ଚର୍ଚ୍ଚା ଜୋର ଧରିଛି । ଗଣେଶ୍ୱରଙ୍କ ସାଂଗଠନିକ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତାକୁ ନେଇ ତାଙ୍କ ପତ୍ନୀଙ୍କୁ ପ୍ରାର୍ଥି କରାଯାଇଛି । ଅନୁସୂୟା ଜଣେ ସୁଗୃହିଣୀ ହୋଇଥିବା ବେଳେ ସେ ମଧ୍ୟ ଜଣେ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, ତେଣୁ ତାଙ୍କ ବାସଭବନକୁ ଶହଶହ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ଆସି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ତାଙ୍କୁ ଆର୍ଶିବାଦ ପ୍ରଦାନ କରୁଥିବାର ଦେଖିବାକୁ ମିଳିଛି । ଏହି ସମୟରେ ଶଙ୍ଖ ଧ୍ୱନୀ ସହିତ ଜୟ ଜଗନ୍ନାଥ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ଶଙ୍ଖ ଚିହ୍ନ ଜିନ୍ଦାବାଦ, ଅନୁସୂୟା ଅପା ଜିନ୍ଦାବାଦ ଓ ଗଣେଶ୍ୱର ପାତ୍ର ଜିନ୍ଦାବାବ ଧ୍ୱନୀ ପ୍ରକମ୍ପିତ ହେଉଥିବାର ଶୁଣିବାକୁ ମିଳିଛି । ବଡସାହି ବ୍ଲକ୍ ଯୁବ ଜନତା ଦଳର ସଭାପତି ନିହାର ରଂଜନ ମହାପାତ୍ରଙ୍କ ନେତୃତ୍ୱରେ ଶହଶହ ଯୁବକ ତାଙ୍କ ବାସଭବନରେ ପଂହଚି ଅନୁସୂୟାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି । ଏହି ନିର୍ବାଚନର ମତଦାନ ଆହୁରି ଦୁଇ ମାସ ପାଖାପାଖି ଥିବା ବେଳେ ପ୍ରଚାର ମଇଦାନ ଆସ୍ତେ ଆସ୍ତେ ସରଗରମ ହେବାକୁ ଲାଗିଲାଣି । ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଏହି ଆସନରୁ ବିଧାୟକ ଥିଲେ । ମାତ୍ର ୨୦୧୯ରେ ଦଳ ତାଙ୍କ ବଦଳରେ ବୃନ୍ଦାବନ ଦାସଙ୍କୁ ପ୍ରାର୍ଥୀ କରିଥିଲା । ମାତ୍ର ବୃନ୍ଦାବନ ବିଜେପି ପ୍ରାର୍ଥୀ ସନାତନ ବିଜୁଳିଙ୍କ ଠାରୁ ପରାଜିତ ହୋଇଥିଲେ । ହେବାକୁ ଯାଉଥିବା ଚଳିତ ନିର୍ବାଚନରେ ବର୍ତମାନ ସୁଦ୍ଧା କଂଗ୍ରେସ ତାର ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ସନାତନ ବିଜୁଳିଙ୍କୁ ପୁଣି ଥରେ ଦଳ ପ୍ରାର୍ଥୀ କରିଛି । ଗତ ପଂଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ ବିପୁଳ ଭୋଟରେ ବିଜୟ ହୋଇଥିବା ବେଳେ ବଡସାହି ଓ ବେତନଟୀ ୨ଟି ବ୍ଲକ୍‌ରେ ଅଧକ୍ଷ୍ୟ ଓ ଉପାଧକ୍ଷ୍ୟ ପଦବୀ ମଧ୍ୟ ବିଜେଡି ଅକ୍ତିଆରରେ ରହିଛି । ସେହିପରି ନିର୍ବାଚନମଣ୍ଡଳୀ ଅଧିନ ୫ଟି ଜୋନରେ ବିଜେଡିର ଜିଲ୍ଲା ପରିଷଦ ମାନେ ବିଜୟ ଲାଭ କରିଛନ୍ତି । ମାତ୍ର ୨୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ୍ ବିଜେପିର ଗୋଟିଏ ଗୋଷ୍ଠୀର ପ୍ରରୋଚନାରେ ପଡି ଟିକେଟ ଆଶାରେ ବିଜେଡି ଛାଡି ବିଜେପିକୁ ଯାଇଥିବା ବେଳେ ତାଙ୍କୁ ମଧ୍ୟ ନିରାଶ ହେବାକୁ ପଡିଛି । ଏହି ପରିପେକ୍ଷୀରେ ଜଗନ୍ନାଥ ଇସ୍ତଫା ଦେଇ ପୁଣି ଥରେ ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚନ ଲଢିବାକୁ ବିଜେଡି ପକ୍ଷରୁ ଦାବୀ ହୋଇଛି । ବିଜେଡି ପକ୍ଷରୁ ଆଶାୟୀଙ୍କ ଲମ୍ବା ଲାଇନ ଥିବା ବେଳେ ଶେଷରେ ଅନୁସୂୟାଙ୍କ ନାମରେ ମୋହର ଲାଗିଛି । ଚଳିତ ନିର୍ବାଚନରେ ମାନ୍ୟବର ମୂଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଷ୍ଠଥର ପାଇଁ ମୂଖ୍ୟମନ୍ତ୍ରୀ ହେବା ସହିତ ସାରା ଦେଶରେ ରେକର୍ଡ ପ୍ରତିଷ୍ଠା କରିବାକୁ ଯାଉଥିବାରୁ କର୍ମୀମାନେ ବେଶ ଉତ୍ସାହିତ ଅଛନ୍ତି ଓ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଜୋରସୋର ଉଦ୍ୟମ ଆରମ୍ଭ କରି ଦେଇଛନ୍ତି ।

# ଶିଶୁକନ୍ୟାକୁ ଧରି ନଦୀକୁ ଡେଇଁପଡିଲା ମା’

ପଟ୍ଟାମୁଣ୍ଡାଇ, ୦୫/୪ (ନି.ପ୍ର): ପାରିବାରିକ କଳହର କରୁଣ ପରିଣତି । ସ୍ୱାମୀ ଆଗରେ ୯ ମାସର ଶିଶୁକନ୍ୟାକୁ ଧରି ନଦୀକୁ ଡେଇଁପଡିଲା ସ୍ତ୍ରୀ । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗଡ଼ଗଡି ବ୍ରିଜ୍ ଉପରୁ ଖରସ୍ରୋତା ନଦୀକୁ ଡେଇଁପଡିଲେ ମହିଳା । ତେବେ ନଦୀରୁ ମା ଛୁଆଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ସ୍ଥାନୀୟ ମତ୍ସ୍ୟଜୀବୀ । ଉଦ୍ଧାର ପରେ ମା ଓ ଶିଶୁକନ୍ୟାକୁ ଆଳି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସମ୍ପୃକ୍ତ ମହିଳା ଖନ୍ଦୋଳ ଗ୍ରାମର ବୋଲି ଜଣାପଡିଛି । ପାରିବାରିକ କଳହକୁ କେନ୍ଦ୍ର କରି ମହିଳା ଜଣକ ମାନସିକ ଭାରସାମ୍ୟ ହରାଇ ଆଜି ପୂର୍ବାହ୍ନରେ ଏପରି ଚରମ ପଦକ୍ଷେପ ନେଇଥିବା ସୂଚନା ମିଳିଛି ।



# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୬୧ ତମ ସାମୁଦ୍ରିକ ଦିବସ ପାଳିତ

ପାରାଦୀପ, ୦୫/୪ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ମେରାଇନ୍ ସାଇଟ୍ କାର୍ଯ୍ୟାଳୟ ନିକଟସ୍ଥ ୱେଟ ବେସିନ ଠାରେ ଶୁକ୍ରବାର ଦିନ ୬୧ ତମ ସାମୁଦ୍ରିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପାରାଦୀପ ବନ୍ଦର ପରିବାରର ଅଦମ୍ୟ ଆତ୍ମବିଶ୍ୱାସ ଓ ପ୍ରଚେଷ୍ଟା ଯୋଗୁଁ ବନ୍ଦରର ୫୭ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଦୀନଦୟାଲ ବନ୍ଦରକୁ ପଛରେ ପକାଇ ଦେଶର ୧ ନମ୍ବର ବୃହତ ବନ୍ଦର ହେବାର ସଫଳତା ହାସଲ କରିପାରିଛି । ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ଦରକୁ ମାନବ ଶରୀର ସହିତ ତୁଳନା କରି ସାମୁଦ୍ରିକ ବିଭାଗ ଏହାର ହୃଦୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ବନ୍ଦର ଉପ ସରଂକ୍ଷକ କ୍ୟାପଟ୍ଟେନ ଏ.ସି.ସାହୁ ଙ୍କ ସମେତ ବହୁ ଉଚ୍ଚ ପଦସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଭାରତୀୟ ସାମୁଦ୍ରିକ ଶିଳ୍ପରେ ସେବା ତଥା ଅତୁଳନୀୟ ଅବଦାନ ପାଇଁ ବନ୍ଦର ମେରାଇନ ମାଷ୍ଟର କ୍ୟାପଟ୍ଟେନ ତୁଷାରକାନ୍ତି ସାହୁ ଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଜାତୀୟ ସାମୁଦ୍ରିକ ଦିବସ ଅବସରରେ ସନ୍ତରଣ, ହେଭିଂ ଲାଇନ ଥ୍ରୋ ଏବଂ ଦଉଡି ଚଢା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ବନ୍ଦର ହାରବର ମାଷ୍ଟର କ୍ୟାପଟ୍ଟେନ ଇନ୍ଦ୍ରନିଲ ମୁଖାର୍ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ମେରାଇନ ଯନ୍ତ୍ରୀ ବବଲୁ ସିକଦାର ଧନ୍ୟବାଦ ଅର୍ପଣ କରିଥିଲେ ।



# ଦାଣ୍ଡି ଗ୍ରାମରୁ ହରିଣ ଉଦ୍ଧାର: ବନବିଭାଗକୁ ହସ୍ତାନ୍ତର କଲେ ଗ୍ରାମବାସୀ



ବସ୍ତା, ୦୫/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଦାଣ୍ଡି ଗ୍ରାମରେ ଆଜି ଅପରାହ୍ନ ରେ ଏକ ହରିଣ ବୁଲୁ ଥିବାର ଦେଖି ଗ୍ରାମବାସୀ ମାନେ ହରିଣ କୁ ଧରିବ ପାଂଇ ଉଦ୍ୟମ କରି ଥିଲେ, ମାତ୍ର ହରିଣ ଟି ଦୌଡି ପଳାଇ ବାରୁ ଗ୍ରାମବାସୀ ମାନେ ହରିଣ ପଛ ରେ ଦୌଡି ବାରୁ ହରିଣ ଟି ଏକ ଜାଲ ରେ ଛନ୍ଦି ଯାଇ ଥିଲା, ଗାଂଆ ଭିତରେ ହରିଣ କୁ ଦେଖି ଗ୍ରାମବାସୀ ମାନେ ଆଶ୍ଚର୍ଯ୍ୟ ହୋଇ ଯାଇ ଥିବା ବେଳେ ହରିଣ କୁ ଦେଖିବା ପାଂଇ ଆଖପାଖ ଗ୍ରାମର ଲୋକ ମାନଙ୍କର ଗହଳି ଲାଗି ଥିଲା, ଲୋକମାନେ ହରିଣ ସହ ସେଲ୍ଫି ଉଠାଇବାକୁ ଗହଳି ଲଗାଇ ଥିଲେ, ଖବର ପାଇ ଲଗଂଳେଶ୍ୱର ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ହରିଣ ଟିକୁ ଉଦ୍ଧାର କରି ନେଇ ଯାଇ ଥିଲା, ତେବେ ଗାଂଆ ଭିତରକୁ ହରିଣ ଟି କେମିତି ଆସିଲା ସେ ନେଇ ତଦନ୍ତ କରୁଛି ବନବିଭାଗ ।

# ଆସନ୍ତା ୭ ରୁ ୧୪ ପର୍ଯ୍ୟନ୍ତ ଚାଲିବ ମୟୂରଭଞ୍ଜର ସର୍ବ ପୁରାତନ ସାଂସ୍କୃତିକ ପର୍ବ-ଭକ୍ତ ପର୍ବ ୨୦୨୪

ବାରିପଦା, ୦୫/୪ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଆରମ୍ଭ ହେବାକୁ ଯାଉଛି ମୟୂରଭଞ୍ଜର ସର୍ବ ପୁରାତନ ସାଂସ୍କୃତିକ ପର୍ବ-ଭକ୍ତ ପର୍ବ ୨୦୨୪ । ଏହି ପର୍ବ ଚଳିତ ମାସ ୭ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ସୂଚନା ଥାଉକି, ଏହି ଭକ୍ତ ପର୍ବ ଏହି ବର୍ଷ ସାଧାରଣ ନିର୍ବାଚନ ଯୋଗୁଁ ଲାଗୁ ହେଇଥିବା ଆଦର୍ଶ ଆଚରଣ ସଂହିତା ପାଇଁ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବରେ ପାଳନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି ପର୍ବର ସମ୍ପୂର୍ଣ୍ଣ ସଂଚାଳନା ଜିଲ୍ଲା ଦେବୋତ୍ତର ବିଭାଗ କରୁଥିବା ବେଳେ, ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବିଭାଗ ଯଥା- ପର୍ଯ୍ୟଟନ, ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦିଙ୍କୁ ମଧ ଏହି ପର୍ବର ସୁ-ପରିଚାଳନା ଦାୟିତ୍ୱ ଦିଆ ଯାଇଛି । ଦେବୋତ୍ତର ବିଭାଗ, ସହକାରୀ ଜିଲ୍ଲାପାଳ ସୁଶ୍ରୀ ମାନସୀ ତରାଇଙ୍କ ସୂଚନା ଅନୁସାରେ, ଆସନ ୭ ତାରିଖ ଦିନ ଅପରାହ୍ନ ୪.୩୦ ସମୟରେ ମା ଅମ୍ବିକା ମନ୍ଦିରରେ ହାକୁଣ୍ଡା ପୂଜା ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଏହି ହବିଷାନ୍ନ କାର୍ଯ୍ୟକ୍ରମ ଚାଲିବ । ୧୧ ତାରିଖରେ କଣ୍ଟାପାଟ, ୧୨ ତାରିଖରେ ନିଆଁପାଟ, ସହିତ ଘଟ ଛଉ, ଭକ୍ତ ନୃତ୍ୟ ହେବାକୁ ଥିବା ବେଳେ ୧୩ ତାରିଖ ଦିନ ଉଗ୍ରତାପ ଏବଂ ୧୪ ତାରିଖ ଦିନ ଉଡ଼ା ପର୍ବ ସହିତ ଏହି ଚୈତ୍ର ଭକ୍ତ ପର୍ବର ସମାପ୍ତି ହେବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ (ଭା.ପ୍ର.ସେ) ଜିଲ୍ଲା ପ୍ରଶାସନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ମାନଙ୍କୁ ଏହି ୭ଦିନ ବ୍ୟାପି ଚାଲିବାକୁ ଥିବା ଭକ୍ତ ପର୍ବରେ ନିଜର କର୍ମ ସହାୟତା ପ୍ରଦାନ କରିବାକୁ ନିର୍ଦେଶ ଦେଇଛନ୍ତି ।

# ସାରସ୍ୱତ ସାଧକ, ଆଦର୍ଶ ଶିକ୍ଷକ କାର୍ତ୍ତିକଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତି, ସ୍ମରଣିକା ଉନ୍ମୋଚନ ଓ ଶ୍ରଦ୍ଧାଞ୍ଜଳି ସଭା



ଜଳେଶ୍ୱର, ୦୫/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାଙ୍ଗୁଡସାହି ଗ୍ରାମର ସାରସ୍ୱତ ସାଧକ, ଆଦର୍ଶ ଶିକ୍ଷକ ସ୍ୱର୍ଗତ କାର୍ତ୍ତିକଚନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରତିମୂର୍ତ୍ତି ଅନାବରଣ, ସ୍ମରଣିକା ଉନ୍ମୋଚନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱ କରିବା ସହିତ ପ୍ରତିମୂର୍ତ୍ତିକୁ ଅନାବରଣ କରି କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଜଣେ ମାଟିର ମଣିଷ ବୋଲି ଅବିହିତ କରିଥିଲେ । ମୁଖ୍ୟ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ କାଳିପଦ ପଣ୍ଡା ଯୋଗ ଦେଇ କାର୍ତ୍ତିକଚନ୍ଦ୍ର ଦାସଙ୍କ ବହୁମୁଖୀ ପ୍ରତିଭା, ଆଦର୍ଶ ଶିକ୍ଷକତା, ସାରସ୍ୱତ ସାଧନା, ବାମପନ୍ଥି ଚିନ୍ତାଧାରା ତଥା ସ୍ଥାନୀୟ ଅଂଚଳର ବିଭିନ୍ନ ବିକାଶଧାରାରେ ସାମିଲ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ବାମପନ୍ଥି ନେତା ଶିଶିର ହୁଇ, ରାଜାରାମ କରଶର୍ମା, କିଶାରାମ ମହାପାତ୍ର, କବି ନରୋତ୍ତମ ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ସ୍ମରଣିକା ‘ସ୍ମୃତିରେ ସ୍ମୃତିରେ ଗୁରୁ କାର୍ତ୍ତିକ ଦାସ’କୁ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲିପ ଗିରି, ସିତାଂଶୁ ସେନାପତି, ତ୍ରିଲୋଚନା ଦାସଅଧିକାରୀ, ଅଧ୍ୟକ୍ଷ ସରୋଜ ମହାନ୍ତି, ଶ୍ୟାମପଦ ଦାସ, ଖଗେନ୍ଦ୍ର ସାହୁ, ବସନ୍ତ ଦାସ, ଭାଗବତ ପରିଡା, ଡ. ଅଜିତ୍ ମହାନ୍ତି, ସୁଦାମ ପାତ୍ର, ସପନ ଜେନା, ଜୀବନ ପରିଡା, ବଙ୍କିମ ଚନ୍ଦ୍ର ଦେ, ଇନ୍ଦୁମତୀ ଗିରି, କପିଳେଶ୍ୱର ମହାନ୍ତି, ରବିନ୍ଦ୍ର ବାରିକ, ଫନିଭୂଷଣ ଭୂୟାଁ, ଅନନ୍ତ ଦାସ, ଶ୍ରବଣ ନାଥ, ଜଳଧର ଭୂୟାଁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରାମହରି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଷିଷ୍ଟ ପାଲା ଗାୟକଙ୍କ ଦେହାନ୍ତ

ବେତନଟୀ, ୦୫/୪ (ନି.ପ୍ର): ବେତନଟୀ ବ୍ଲକ ଆଗ୍ରିଆ ଗ୍ରମ ପଞ୍ଚାୟତ ରଖିଣ ଗ୍ରାମର ବିଷିଷ୍ଟ ପାଲା ଗାୟକ ଦିନବନ୍ଧୁ ପରିଡା (୯୦ ବର୍ଷ)ଙ୍କ ଆଜି ପରଲୋକ ଘଟିଯାଇଛି । ସେ ଜଣେ ମିଷ୍ଟ ଭାଷି, ମେଳାପି, ପରୋପକାରି ମଣିଷ ଥିଲେ । ତାଙ୍କର ଦୁଇ ପୁଅ, ଚାରି ଝିଅ ଏବଂ ସ୍ତ୍ରୀଙ୍କୁ ନେଇ ପରିବାର । କିଛି ବର୍ଷ ପୁର୍ବରୁ ବଡପୁଅ ବସନ୍ତ ପରିଡା ମୃତ୍ୟୁବରଣ କରିଥିଲେ । ସାନ ପୁଅ ଦୁଷ୍ମନ୍ତ ପରିଡା ତାଙ୍କର ସବୁ କଥା ବୁଝି ଆସୁଥିଲେ । କିଛି ଦିନ ତଳେ ଦିନବନ୍ଧୁ ପଡିଯାଇ ଥିବାରୁ ତାଙ୍କର ଦେହ ଖରାପ ହେବାରୁ ବାରିପଦା ପି ଆର ଏମ ଡାକ୍ତର ଖାନାରେ ଆଇସିୟୁରେ ଚିକିତ୍ସିତ ହେଉଥିଲେ । ସେଠାରେ ସ୍ୱାସ୍ଥ୍ୟର କିଛି ଉନ୍ନତି ନହେବାରୁ



ଚିକିତ୍ସିତାରତ ଡାକ୍ତର ତାଙ୍କୁ ଘରକୁ ନେଇ ଯିବାପାଇଁ ପରାମର୍ଶ କରିଥିଲେ । ସେଠାରୁ ଗତ ଗତ ମଙ୍ଗଳବାର ଦିନ ଘରକୁ ଆଣିବା ପରେ ଆଜି ସକାଳ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ତାଙ୍କର ଶେଷ ଦର୍ଶନ ଲାଗି ଆଖପାଖ ଅଞ୍ଚଳରୁ ବହୁ ଲୋକ ମଶାଣି ପର୍ଯ୍ୟନ୍ତ ଯାଇ ଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଦଶଟି ବିଭାଗକୁ ‘ଡିଆଇସି ସ୍ୱୀକୃତି ପୁରସ୍କାର’ ପ୍ରଦାନ

ରାଉରକେଲା, ୦୫/୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମରେ ଏପ୍ରିଲ ୧ ତାରିଖ ଦିନ ଆୟୋଜିତ ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଏବଂ ପୁରସ୍କାର ଉତ୍ସବ ସମାରୋହରେ ଆରଏସପି ର ୧୦ ଟି ବିଭାଗ କୁ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଡିଆଇସି ଶ୍ରୀ ଅତନୁ ଭୌମିକ ଡିଆଇସି ସ୍ୱୀକୃତି ପୁରସ୍କାର ପ୍ରଦାନ କରିଥିଲେ । ହଟ୍ ଷ୍ଟ୍ରିପ୍ ମିଲ୍ -୨ ବିଭାଗର ସିଟ୍ ସିୟରିଂ ଲାଇନ୍ (ଏସ୍.ଏସ୍.ଏଲ୍)ର ଆହ୍ୱାନ ସଫଳତା ର ସହିତ ସମ୍ପାଦନା ପାଇଁ ମେକାନିକାଲ ସପ, ଡିଜାଇନ୍ ଏବଂ ଫାଉଣ୍ଡ୍ରି ବିଭାଗ ମିଳିତ ଭାବେ ଏହି ପୁରସ୍କାର ଲାଭ କରିଥିଲେ । ସେହିଭଳି ୨୪୪ କୋଟି ଟଙ୍କା ର ଏଣ୍ଟ୍ରି ଟ୍ୟାକ୍ସ ହ୍ରାସ କରିଥିବାରୁ ବିତ୍ତ ଓ ଲେଖା ଏବଂ ଆଇନ ବିଭାଗ ମିଳିତ ଭାବେ ଏହି ପୁରସ୍କାର ଗ୍ରହଣ କରିଥିଲେ । ୨୦୨୩-୨୪ ଆର୍ଥିକ ବର୍ଷର ପ୍ରାୟ ୪୫୦ କୋଟି ଟଙ୍କାର ୧୨୫୦ଟି ସର୍ବାଧିକ କ୍ରୟ ଅର୍ଡର ପାଇଁ ସି ସି ଡବ୍ଲ୍ୟୁ ବିଭାଗ ଏହି ପୁରସ୍କାର ଲାଭ କରିଥିଲେ । ମେକାନିକାଲ୍ ସେଣ୍ଟ୍ରାଲାଇଜଡ୍ ସ୍କାଫୋଲ୍ଡିଂ ଏବଂ ଷ୍ଟ୍ରକଚରାଲ୍ ପେଣ୍ଟିଂ ଚୁକ୍ତିନାମା ମାଧ୍ୟମରେ ସୁରକ୍ଷାକୁ ସୁଗମ କରିବା ହେତୁ ସେଣ୍ଟ୍ରାଲାଇଜଡ୍ (ମେକାନିକାଲ୍) ଏବଂ ଆରସିଏମ୍ ବିଭାଗ କୁ ପୁରସ୍କୃତ କରାଯାଇଥିଲା । ସର୍ବଶ୍ରେଷ୍ଠ ଫିନିଶଡ ଷ୍ଟିଲ ବାର୍ଷିକ ଚାଲାଣ ହାସଲ, ବଏଲର କୋଇଲା ଷ୍ଟକ୍ ବିଲଡିଂ ପାଇଁ ରେଳ କମ ରୋଡ୍ ପଦ୍ଧତିର ପ୍ରବର୍ତ୍ତନ ଏବଂ ସେଲରେ ପ୍ରଥମ ଥର ପାଇଁ ଲିବରାଲାଇଜଡ୍ ସ୍ପେସିଆଲ୍ ମାଲବାହୀ ଟ୍ରେନ୍ ଅପରେଟର ଯୋଜନା ପ୍ରବର୍ତ୍ତନ ପାଇଁ ଟ୍ରାଫିକ ଏବଂ କଞ୍ଚାମାଲ ବିଭାଗ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

# ପୋର୍ଟ ଡିଏଭି.ପବ୍ଲିକ୍ ସ୍କୁଲର ୧୫ତମ ପ୍ରତିଷ୍ଠା ଦିବସ

ପାରାଦୀପ, ୦୫/୪ (ନି.ପ୍ର): ଡିଏଭି.ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ର ୧୫ତମ ପ୍ରତିଷ୍ଠା ଦିବସ ଆଜି ବଡପଡ଼ିଆ ସ୍ଥିତ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାଳୟଟି ରଙ୍ଗୀନ ବେଲୁନ୍ ଏବଂ ପୁଷ୍ପମାଲ୍ୟରେ ସୁନ୍ଦର ଭାବରେ ସଜାଯାଇଥିଲା । ଯାହା ପରିବେଶକୁ ଆକର୍ଷଣୀୟ କରୁଥିଲା । ମୁଖ୍ୟ ଅତିଥି ଭାବେ ଶ୍ରୀକୃଷ୍ଣ ମହାପାତ୍ର ଅଧକ୍ଷ, ଜେ.ଏନ.ଭି, ରାହାମା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଙ୍କଜ ଭରସାନି, ଅଧକ୍ଷ କେନ୍ଦ୍ରୀୟ ବିଦ୍ୟାଳୟ ପାରାଦ୍ୱୀପ ପୋର୍ଟ, ସଞ୍ଜୀବ କୁମାର ସାହୁ, ଅଧକ୍ଷ, ଡିଏଭି ପିପିଏଲ, ପାରାଦ୍ୱୀପ ପୋର୍ଟ ଏବଂ ସମ୍ବିତ୍ ସୁକୁମାର ଚିନ୍ନାରା, ଅଧକ୍ଷ, ଡିଏଭି ଇଫକୋ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି, ଅଧକ୍ଷା, ଡିଏଭି ପିପିଟି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବ ରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ଗୋଷ୍ଠୀ ନୃତ୍ୟ, ଏକକ ଗୀତ, ବକ୍ତବ୍ୟ, ଅତିଥିମାନଙ୍କ




ପ୍ରେରଣାଦାୟୀ ଶବ୍ଦ ଏବଂ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତିଙ୍କ ପ୍ରେରଣାଦାୟକ ଶବ୍ଦ ବୟସ ଏବଂ ବୁଦ୍ଧି ନିର୍ବିଶେଷରେ ସମସ୍ତଙ୍କୁ ଉତ୍ସାହିତ ଓ ଆନନ୍ଦିତ କରିଥିଲା । ବିଭିନ୍ନ ଶ୍ରେଣୀର ଛାତ୍ରମାନେ ବର୍ଷସାରା ଚାଲିଥିବା ବିଭିନ୍ନ ପାଠ୍ୟକ୍ରମ ଏବଂ ସହ-ପାଠ୍ୟକ୍ରମରେ ସେମାନଙ୍କ ଦ୍ୱାରା ହାସଲ ହୋଇଥିବା ସଫଳତା ପାଇଁ ଉତ୍ସାହିତ ହୋଇଥିଲେ । ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସମନ୍ୱିତ ବିକାଶ ପାଇଁ ପୋଷଣ ତଥା ପୃଷ୍ଠପୋଷକତା ପାଇଁ ସେମାନଙ୍କର ଅସାଧାରଣ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା । ଶେଷରେ ଶ୍ରୀମତୀ ପ୍ରୀତିପ୍ରଜ୍ଞା ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo